

୧୯/୨/୨୦୨୪ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୯,୪୭୬/- ସୁନା: ୧୨.୯୦୦ ଗ୍ରାମ୍ ରୁପା: ୭୦.୬୫୦ ଗ୍ରାମ୍



## ମୂର୍ତ୍ତି ଚୋର ଗ୍ୟାଙ୍ଗ ଠାବ

# ଶିବ-ପାର୍ବତୀଙ୍କ ପିତ୍ତଳ ମୂର୍ତ୍ତି ଉଦ୍ଧାର, ୫ ଗିରଫ

ପୁରୀ, ୧୯।୨(ସମିସ)

ପୁରୀ ପୁଲିସକୁ ମିଳିଛି ବଡ଼ ସଫଳତା । ଦୀର୍ଘଦିନ ପରେ ପୁଣି ପୁରୀ ଜିଲ୍ଲାରେ ସକ୍ରିୟ ହୋଇଥିଲେ ମୂର୍ତ୍ତି ଚୋର । ଗତ ୧୨ ତାରିଖ ବିଳମ୍ବିତ ରାତିରେ ପୁରୀ ସହରସ୍ଥିତ ମୁକ୍ତେଶ୍ୱର ମନ୍ଦିର ତାଲାଭାଙ୍ଗି କଳାକନା ବୁଲାଇଥିଲେ ଲୁଟେରା । ଏପରି କି ଆସ୍ଥାନରୁ ମନ୍ଦିରର ଇଷ୍ଟ ଶିବ, ପାର୍ବତୀଙ୍କ ପିତ୍ତଳ ମୂର୍ତ୍ତିକୁ ବି ଉଠାଇ ନେଇଥିଲେ । ହେଲେ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ତାଳବଣିଆ ଥାନା ପୁଲିସକୁ ମିଳିଛି ସଫଳତା । ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଚୋରି ଶିବପାର୍ବତୀଙ୍କ ମୂର୍ତ୍ତି ସମେତ ସୁନା, ରୁପା ଅଳଙ୍କାର ଏବଂ ସାଉଣ୍ଡ ମେଶିନ ଜବତ କରାଯାଇଛି ବୋଲି ସୋମବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପିନାକ ମିଶ୍ର । ଅଭିଯୋଗ ଅନୁଯାୟୀ, ଗତ ୧୨ ତାରିଖ ରାତିରେ ମନ୍ଦିରରେ ପହୁଡ଼ ପକାଇ ଘରକୁ ଯାଇଥିଲେ ପୂଜକ । ଏହା ପରଦିନ ଥିଲା ସଂକ୍ରାନ୍ତି । ଭୋରୁ ପୂଜକ ଶରତ କୁମାର ମହାପାତ୍ର ମନ୍ଦିରରେ ପହଞ୍ଚିଥିଲେ । ପହୁଡ଼ ଖୋଲିବାକୁ ଯିବାବେଳେ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗିଥିବା ଦେଖିଥିଲେ । ବାବା ମୁକ୍ତେଶ୍ୱର (ଶବି)ଓ ମା' ପାର୍ବତୀଙ୍କ ପିତ୍ତଳମୂର୍ତ୍ତିକୁ ସିଂହାସନରୁ ଉଠାଇ ନେଇଥିଲେ ଦୁର୍ବୃତ୍ତ । ସେହିପରି ମା' ପାର୍ବତୀଙ୍କ ସୁନା ମଙ୍ଗଳସୂତ୍ର, ରୂପା ପାଉଁଜି, ଚେନ୍, ଅଣ୍ଟାବିନ୍ଧା, ଖଡୁ, ମହାଦେବଙ୍କ ସୁନା ଲକେଟ୍ ଓ ଏକ ସାଉଣ୍ଡ ମେଶିନ ନେଇଯାଇଥିଲେ । ସିସିଟିଭି ଫୁଟେଜରୁ ଲୁଟେରା ବିଳମ୍ବିତ ରାତିରେ ଏହି ଚୋରି କରିଥିବା ଜଣାପଡ଼ିଥିଲେ ସେମାନଙ୍କୁ ଫୁଟେଜରୁ ଚିହ୍ନଟ କରାଯାଇପାରୁ ନ ଥିଲା । ତେବେ ଅଭିଯୋଗ ପରେ ଏହାକୁ ଗୁରୁତର ସହ ନେଇଥିଲେ ଏସ୍‌ପି ଶ୍ରୀ ମିଶ୍ର । ଏ ନେଇ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ତାଳବଣିଆ ଥାନା ପୁଲିସକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ପୂର୍ବରୁ ମୂର୍ତ୍ତି ଚୋର ଏବଂ ଚୋରି ସାମଗ୍ରୀ କିଣୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପ୍ରଥମେ ତଥ୍ୟ ସଂଗ୍ରହ କରିଥିଲା ପୁଲିସ । ଏହାକୁ ଆଧାର କରି ପୁଲିସ ଲୁଟେରାଙ୍କ ପାଖରେ ପହଞ୍ଚି ଯାଇଥିଲା । ୩ଜଣ ଲୁଟେରା ଏବଂ ୨ ଜଣ କ୍ରେତା (ଯେଉଁମାନେ ଚୋରି ସାମଗ୍ରୀ କିଣିଥିଲେ)ଙ୍କୁ କାବୁ କରିଛି ପୁଲିସ । ମୂର୍ତ୍ତି ଲୁଟେରାମାନେ ହେଲେ ଛଇତନାର ରଞ୍ଜନ କୁମାର ପ୍ରଧାନ ଓରଫ୍ କାଳିଆ, ରାମଚଣ୍ଡୀ ଥାନା କବିରାଜପୁରର ବିକାଶ ବେହେରା, ଛଇତନାର ସୁଶୀଳ ପ୍ରଧାନ ଓରଫ୍ ପୁନିଆ । ଏମାନଙ୍କଠାରୁ ଲୁଟ୍ ସାମଗ୍ରୀ କିଣିଥିବା ୨ ଜଣ ହେଲେ ବାଲିପୁଟର ଗୁଣମଣି ପ୍ରଧାନ ଓ ଛଇତନାର ଜିତେନ୍ଦ୍ର କାହାଳ । ସେମାନଙ୍କଠାରୁ ୧୮ କେଜି ଓଜନର ଶିବପାର୍ବତୀଙ୍କର ଦୁଇଟି ପିତ୍ତଳ ମୂର୍ତ୍ତି (ଉଚ୍ଚତା ୧୭ ଇଞ୍ଚ), ୪ଟି ସୁନା ଲକେଟ୍, ମଙ୍ଗଳସୂତ୍ର, ରୂପା ପାଉଁଜି, ଚେନ୍, ଅଣ୍ଟାବିନ୍ଧା, ଖଡୁ, ଏକ ସାଉଣ୍ଡ ମେଶିନ ଜବତ କରାଯାଇଛି । ତେବେ ଏହି ୫ ଜଣଙ୍କ ମଧ୍ୟ ୨ଜଣ ଲୁଟେରା ବିକାଶ ବେହେରା ଏବଂ ସୁଶୀଳ ପ୍ରଧାନ ଗତ ୧୫ ତାରିଖରେ ପୁରୀ ସଦର ଥାନା ପୁଲିସ ଦ୍ୱାରା ବାଇକ୍ ଚୋରି ମାମଲାରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି । ସେହି ୨ ଜଣଙ୍କୁ ରିମାଣ୍ଡରେ ଅଣାଯାଇ ମୂର୍ତ୍ତି ଚୋରି ସଂକ୍ରାନ୍ତରେ ଅଧିକ ଖୋଳତାଡ଼ ହେବ ବୋଲି କହିଛନ୍ତି ଏସ୍‌ପି । ଏହି ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଶ୍ରୀ ସାହୁ, ତାଳବଣିଆ ଆଇଆଇସି ଚିନ୍ମୟୀ ବେହେରା ଉପସ୍ଥିତ ଥିଲେ ।



### ୧,୨୦୦ ଟଙ୍କାରେ ବିକିଥିଲେ ୧୮ କେଜିର ପିତ୍ତଳ ମୂର୍ତ୍ତି

ଲୁଟେରାଙ୍କ ପାଖରେ ଲୁଟ୍ ସାମଗ୍ରୀର ମୂଲ୍ୟ କିଛି ନ ଥାଏ । ସେମାନେ ଯେତିକି ଟଙ୍କା ପାଆନ୍ତି ସେତିକିରେ ବିକ୍ରି କରିଥାନ୍ତି । ପୂର୍ବରୁ ଏମିତି ଅନେକ ଶୁଣିବାକୁ ମିଳିଥିବା ବେଳେ ଉଦାହରଣ ବି ରହିଛି । ହେଲେ ସେମାନେ ଯେ ଶାଗମାଛ ଦରରେ ମୂଲ୍ୟବାନ ଜିନିଷ ବିକ୍ରି କରିଥାନ୍ତି ତା'ର ଆଉ ଏକ ନିଛକ ଉଦାହରଣ ଦେଖିବାକୁ ମିଳିଛି ମୁକ୍ତେଶ୍ୱର ମନ୍ଦିର ଲୁଟ୍ ଘଟଣାରେ । ଲୁଟେରାମାନେ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗି ବାବା ମୁକ୍ତେଶ୍ୱର (ଶିବ) ଓ ମା' ପାର୍ବତୀଙ୍କ ପିତ୍ତଳମୂର୍ତ୍ତି ସମେତ ମା'ଙ୍କ ସୁନା ମଙ୍ଗଳସୂତ୍ର, ରୂପା ପାଉଁଜି, ଚେନ୍, ଅଣ୍ଟାବିନ୍ଧା, ଖଡୁ, ମହାଦେବଙ୍କ ସୁନା ଲକେଟ୍ ଓ ଏକ ସାଉଣ୍ଡ ମେଶିନ ନେଇଯାଇଥିଲେ । ତେବେ ୧୮ କିଗ୍ରା ଓଜନର ଶିବପାର୍ବତୀଙ୍କ ପିତ୍ତଳ ମୂର୍ତ୍ତିକୁ ଲୁଟେରା ମାତ୍ର ୧, ୨୦୦ ଟଙ୍କାରେ ବାଲିପୁଟର ଗୁଣମଣି ପ୍ରଧାନକୁ ବିକ୍ରି କରିଥିଲେ । ସେହିପରି ସୁନାରୁପା ଅଳଙ୍କାର ଏବଂ ସାଉଣ୍ଡ ମେଶିନକୁ ମାତ୍ର ୩, ୫୦୦ ଟଙ୍କାରେ ଛଇତନାର ଜିତେନ୍ଦ୍ର କାହାଳଙ୍କୁ ବିକ୍ରି କରିଥିଲେ । ପୁଲିସ ପ୍ରଥମେ ଲୁଟେରାଙ୍କୁ କାବୁ କରିବା ପରେ ଚୋରି ସାମଗ୍ରୀ କିଣିଥିବା ୨ ଜଣଙ୍କୁ ମଧ୍ୟ ଗିରଫ କରିଛି ।

### ଠାକୁରଙ୍କ ସୁନାରୁପା ଅଳଙ୍କାର ଓ ସାଉଣ୍ଡ ମେସିନ୍ ଜବତ

### ପ୍ରମୁଖ ମନ୍ଦିରରେ ସିସିଟିଭି ଲଗାଇବାକୁ ପରାମର୍ଶ

ପୁରୀର ବିଭିନ୍ନ ସ୍ଥାନରେ ବହୁ ପୁରାତନ ମନ୍ଦିର ରହିଛି । ସେସବୁ ମନ୍ଦିରରେ ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଉପାସିତ ହେଉଛନ୍ତି । ତେଣୁ ପ୍ରାଚୀନ ମନ୍ଦିରଗୁଡ଼ିକୁ ହିଁ ଟାର୍ଗେଟ କରୁଛନ୍ତି ମୂର୍ତ୍ତି ଚୋର । ଯେଉଁସବୁ ମନ୍ଦିରରୁ ଚୋରି ହୋଇଛି ପ୍ରାୟ ଅଧିକାଂଶ ମନ୍ଦିର ପୁରାତନ ଏବଂ ସେଠାରେ ଅଷ୍ଟଧାତୁ ବିଗ୍ରହ ଥିବା ଜଣାପଡ଼ିଛି । ବିଦେଶରେ ଅଷ୍ଟଧାତୁ ମୂର୍ତ୍ତିର ଚାହିଦା ଢେର୍ ଅଧିକ । ତେଣୁ ଜିଲ୍ଲାର ପ୍ରମୁଖ ମନ୍ଦିରରେ ସିସିଟିଭି ଲଗାଇବାକୁ ପରାମର୍ଶ ଦେଇଛନ୍ତି ଏସ୍‌ପି ପିନାକ ମିଶ୍ର । ପୁଲିସ ମଧ୍ୟ ନିୟମିତ ପାଟ୍ରୋଲିଂ କରିବ । କିନ୍ତୁ ମନ୍ଦିର କମିଟି ମଧ୍ୟ ଏ ଦିଗରେ ସହଯୋଗ କରିବା ଦରକାର । ଜିଲ୍ଲାର ସବୁ ମନ୍ଦିରରେ ପୁଲିସ ସୁରକ୍ଷା କର୍ମୀ ଜଗାଇବା ସମ୍ଭବ ନୁହେଁ । ତେଣୁ ମନ୍ଦିର କମିଟି, ଜନସାଧାରଣ ସମସ୍ତଙ୍କ ସହଯୋଗରେ ମନ୍ଦିର ଚୋରିକୁ ରୋକାଯାଇପାରିବ ବୋଲି କହିଛନ୍ତି ଏସ୍‌ପି ପିନାକ ମିଶ୍ର ।

# ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ପୁରୀ, ୧୯।୨(ସମିସ):** ସ୍ଥାନୀୟ ଟାଉନ ହଲରେ ରାଜ୍ୟସ୍ତରୀୟ ଭବାନୀ ଫିଟ୍‌ନେସ କ୍ଲାସିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମଗ୍ର ରାଜ୍ୟରୁ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ୬୫ କେଜି ଓଜନ ବର୍ଗରୁ କମ୍, ୬୫ କେଜି ଓଜନ ବର୍ଗରୁ ଊର୍ଦ୍ଧ୍ୱ, ମେନ୍ସ ଫିଜିକ୍ସ ଓ ଡେନିମ୍ ଜିନ୍ସ ୪ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆଜିର ଦୁନିଆରେ ସମସ୍ତେ ଫିଟ୍ ରହିବା ପାଇଁ ଫିଟ୍‌ନେସ ନିହାତି ଆବଶ୍ୟକ । ତେଣୁ ଯୁବପିଢ଼ୀଙ୍କୁ ଫିଟ୍ ରଖିବା, ଜିମ୍ ଯାଇ ସୁନ୍ଦର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଏଭଳି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜନ କରାଯାଉଛି । ଏଥିରେ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନୀଲ ମହାନ୍ତି, ସେବାୟତ ଗୌରୀଶଙ୍କର ସିଂହାର, ସମାଜସେବୀ ରାଜେଶ କୁମାର ମହାନ୍ତି, ହେକ୍ଟର ମିଶ୍ର, ବିଶ୍ୱନାଥ ମିଶ୍ର, ସଞ୍ଜୀବ ରଥ ଶର୍ମା ପ୍ରମୁଖ ଯୋଗଦେଇଥିଲେ ।




## ନିର୍ବାଚନରେ ଅବହେଳା ବରଦାସ୍ତ ନୁହେଁ

# ମାର୍ଗଦର୍ଶିକା ଆଧାରରେ ପରିଚାଳିତ ହେବ ନିର୍ବାଚନ

ପୁରୀ, ୧୯।୨(ସମିସ)

ଚଳିତ ନିର୍ବାଚନକୁ ଶୂନ୍ୟ ସହନଶୀଳ ଭାବେ ପରିଚାଳନା ସହ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଦାଶ କଡା ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ପୂର୍ବାହ୍ନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଗଠିତ ବିବିଧ ଟିମ୍‌ର ସଦସ୍ୟମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ଦାଶ ନିର୍ବାଚନକୁ ପ୍ରଭାବିତ କରୁଥିବା କୌଣସି କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଟିମ୍‌ମାନଙ୍କର ଦାୟିତ୍ୱ ବୋଲି କହିଥିଲେ । ନିର୍ବାଚନ ସମୟରେ ସମସ୍ତ କର୍ମଚାରୀ ନିର୍ବାଚନ କମିଶନଙ୍କ ଅଧୀନରେ କାର୍ଯ୍ୟରତ ଥାଆନ୍ତି । ତେଣୁ ନିଷ୍ଠା ଓ କମିଶନଙ୍କ ମାର୍ଗଦର୍ଶିକା ଅନୁସାରେ ଆମେ କାର୍ଯ୍ୟ କରିବା ।

ମାର୍ଗଦର୍ଶିକାକୁ ଭଲ ଭାବେ ପଢ଼ିବା ଓ ପରସ୍ପର ଟିମ୍ ସହ ସମନ୍ୱୟ ରଖି ସୁଚାରୁ ରୂପେ ଓ ଶୃଙ୍ଖଳିତ ଭାବେ ନିର୍ବାଚନକୁ ପରିଚାଳନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଯୋଗଦେଇ ଆମ ଦେଶ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସୁନାମ ରହିଛି । ତେଣୁ ଗଣତନ୍ତ୍ରର ମହାପର୍ବ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ହୋଇଥିବାରୁ ଏହାକୁ ନିଷ୍ଠାର ସହ ପାଳନ ପାଇଁ ଅନୁରୋଧ କରିଥିଲେ । ମାଷ୍ଟର ଟ୍ରେନର ଜିଏସ୍‌ଟିର ଯୁଗ୍ମ କମିଶନର ଡ. ପଦ୍ମଲୋଚନ ରାଉତ, ଜିଲ୍ଲା ଟ୍ରେଜେରୀ ଅଧିକାରୀ ମନ୍ମଥ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପିପିଲି ସବ୍ ଟ୍ରେଜେରୀ ଅଫିସର ମମତା ସେଠୀ ସମସ୍ତ ଟିମ୍‌ର ଦାୟିତ୍ୱ, କର୍ତ୍ତବ୍ୟ ଓ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ଦଳ ଓ ପ୍ରାର୍ଥୀ ମାନଙ୍କର ବିବିଧ ଖର୍ଚ୍ଚର ତଦାରଖ ଓ ଲିପିବଦ୍ଧ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ପ୍ରାରମ୍ଭରେ ନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଷ୍ଟାଡିୟମ ପରିସରରେ ବୃକ୍ଷରୋପଣ

**ପୁରୀ, ୧୯।୨(ସମିସ):** ଓଡ଼ିଶା ଯୁବ ଚେତନା ସଂଗଠନ ଓ ସନ୍ଥ ସମାବେଶ ଭୁବନେଶ୍ୱରର ମିଳିତ ସହଯୋଗରେ ପୁରୀ ଷ୍ଟାଡିୟମ ପଡ଼ିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ସ୍ୱାମୀ ବଲ୍ଲଭାନନ୍ଦ, ଦଣ୍ଡିସ୍ୱାମୀ ନାରାୟଣ ସରସ୍ୱତୀ, ପ୍ରଫେସର କାନନ ପାଣିଗ୍ରାହୀ, ଅଧ୍ୟାପକ ସୁଶୀଳ ମିଶ୍ର ଓ ପଣ୍ଡିତ ହରିହର ତ୍ରିପାଠୀ ପରିବେଶ ସୁରକ୍ଷା ଉପରେ ଉଦ୍‌ବୋଧନ ଦେଇଥିଲେ । ଆଗାମୀ ଗ୍ରୀଷ୍ମରେ ଉଭୟ ସଙ୍ଗଠନ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଥିବା ବୃକ୍ଷକୁ ଜଳଦାନ କରିବାକୁ ଘୋଷଣା ହୋଇଛି ।


ଜନ୍ମଦିନର ଶୁଭେଚ୍ଛା



ଶ୍ରୀଯୁକ୍ତ ନନ୍ଦକିଶୋର ଶତପଥି
ଅବସରପ୍ରାପ୍ତ ଶିକ୍ଷକ ବିବି ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ।
ଆପଣଙ୍କର ସତ୍ୟବାଦୀତା, କର୍ତ୍ତବ୍ୟନିଷ୍ଠତା, ସମୟାନୁବର୍ତ୍ତିତା ଓ ଦୃଢ଼ ମନୋବଳ ଇତ୍ୟାଦି ସଦ୍‌ଗୁଣ ଆମ ଜୀବନର ପାଥେୟ ହେଉ ।
ଆପଣଙ୍କର ୯୬ତମ ଜନ୍ମଦିବସରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଶ୍ରୀଚରଣାବିନ୍ଦରେ ଆପଣଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଅଛୁ ।
ଆପଣଙ୍କ ପୁତ୍ର, ପୁତ୍ର ବଧୂ, ଝିଅ ଜ୍ୱାଇଁ ଓ ନାତନାତୁଣୀମାନେ ।


## ବ୍ରାଉନସୁଗର୍ ଜବତ; ଜଣେ ଗିରଫ



**ସାକ୍ଷୀଗୋପାଳ, ୧୯।୨( ସମିସ):** ସତ୍ୟବାଦୀ ପୋଲିସ ମନ୍ଦିର ବାଇପାସ ରାସ୍ତାରେ ଜଣେ ଯୁବକଙ୍କ ଠାରୁ ୨୦ ଗ୍ରାମ ବ୍ରାଉନସୁଗର ଜବତ କରିବାରେ ସଫଳ ହୋଇଛନ୍ତି । ତାଙ୍କ ନାମ ହେଉଛି ସୁଦାମ ଗାଗରାଏ (୧୯)ତାଙ୍କ ବାପାଙ୍କ ନାମ ମଙ୍ଗଳ ଗାଗରାଏ ବୋଲି ଜଣାପଡ଼ିଛି । କେନାଲବନ୍ଧରେ ସେ ରହନ୍ତି ବୋଲି ଜଣାପଡ଼ିଛି । କୌଣସି ସୂତ୍ରରୁ ଖବର ପାଇ ସତ୍ୟବାଦୀ ଥାନାର ସେକେଣ୍ଡ ଅଫିସର ଦୀପ୍ତ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ କୋଟଉପର ପଡ଼ିଆ ନିକଟସ୍ଥ ବିଏସଏନଏଲ ଅଫିସ ନିକଟରେ ସୁଦାମକୁ ଅଟକ ରଖି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତନଖି ସମୟରେ ୨୦ଗ୍ରାମ ବ୍ରାଉନସୁଗର ସହିତ ୩୮୦ ଟଙ୍କା ଜବତ କରାଯାଇଛି ବୋଲି ସତ୍ୟବାଦୀ ଥାନା ଆଇଆଇସିବିଜୟ କେତନ ବେହେରାଙ୍କ ଠାରୁ ସୁଚନା ମିଳିଛି । ଜବତ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଅଭିଯୁକ୍ତଙ୍କ ନାମରେ ଏନଡିପିଏସ ଆକ୍ଟ ଅନୁଯାୟୀଏକ ମାମଲା ରୁଜ କରାଯାଇ ତଦନ୍ତ ଜାରି ରହିଛି ।

## ପାରାୟଣ ଓ ପ୍ରବଚନ ଉଦ୍‌ଯାପିତ

**ପୁରୀ, ୧୯।୨(ସମିସ):** ଶ୍ରୀରାମକୃପା ପରିଷଦ ପାରାୟଣ କମିଟି ଓ ଉତ୍ତରହଣା ଗ୍ରାମବାସୀଙ୍କ ସହଯୋଗରେ ଦଶଦିନ ବ୍ୟାପୀ ଅନୁଷ୍ଠିତ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଛି । ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ସହ ସେମାନଙ୍କୁ ଏକତାର ବନ୍ଧନରେ ବାନ୍ଧିରଖିବା ଏବଂ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗତ ୧୩ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି । ସମାଜସେବୀ ରାଜେଶ କୁମାର ଜେନା, ସମ୍ପାଦକ କୁମାର ବିଶ୍ୱାଳ ଶ୍ରୀ ରାମକୃପା ପରିଷଦ ପାରାୟଣର ସମସ୍ତ ସଦସ୍ୟଙ୍କ ଉଦ୍ୟମ ଫଳରେ ଏହି କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ସନ୍ଥ ମୈଥିଳୀ ଦାସଜୀ ମହାରାଜ ଓ ତାଙ୍କ ସାଥୀ ବ୍ୟାସ ଭାବେ ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି । ଆଚାର୍ଯ୍ୟ, ପ୍ରଚାରକ ଓ ପୁରୋହିତ ଭାବେ ନୃସିଂହ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ବାସୁଦେବ ମିଶ୍ର ଏବଂ କର୍ତ୍ତା କର୍ତ୍ତି ଭାବେ ସୁଦର୍ଶନ ସାହୁ ଓ ସଂଯୁକ୍ତା ସାହୁ କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଥମ ଦିନରେ ଶ୍ରୀ ଶ୍ରୀ ନାମ ମହିମା ଓ ଶିବ ପାର୍ବତୀ ବିବାହ କାର୍ଯ୍ୟରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ପ୍ରଭୁ ଶ୍ରୀରାମଙ୍କ ଜନ୍ମୋତ୍ସବ, ବିବାହ ଉତ୍ସବ, ସେତୁ ବନ୍ଧ ପ୍ରତିଷ୍ଠା ଓ ଲଙ୍କା ଦହନ, ରାବଣ ବଧ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାଜ୍ୟାଭିଷେକ ଆଦି ସମ୍ପନ୍ନ ହୋଇଥିଲା ।

# ୨୧ ବ୍ରାହ୍ମଣ ବାଳକଙ୍କ ନିଃଶୁଳ୍କ ବ୍ରତୋପନୟନ



ପୁରୀ, ୧୯।୨(ସମିସ)

ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ସୋମବାର ୨୧ଜଣ ବ୍ରାହ୍ମଣ ବାଳକଙ୍କ ନିଃଶୁଳ୍କ ବ୍ରତୋପନୟନ ବୈଦିକ ରୀତିରେ ସମ୍ପନ୍ନ ହୋଇଛି । ଶ୍ରୀଗୁଣ୍ଡିଚା ଭକ୍ତ ନିବାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ପଶ୍ଚିମବଙ୍ଗରୁ ବ୍ରାହ୍ମଣ ବାଳକମାନେ ଯୋଗଦେଇ ଯଜ୍ଞୋପବୀତ ଧାରଣ କରିଥିଲେ । ଆର୍ଥିକ ତଥା ସାମାଜିକ ବିପନ୍ନ ଥିବା ଏହି ବାଳକମାନେ କିପରି ବ୍ରାହ୍ମଣ କର୍ମ କରିପାରିବେ ଏବଂ ସ୍ୱାବଲମ୍ବୀ ହୋଇପାରିବେ ସେଥିଲାଗି ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟକ ଅତିଥି ଯୋଗଦେଇଥିଲେ । ପରିଶେଷରେ ନବ ବ୍ରହ୍ମଚାରୀମାନେ ସିଂହଦ୍ୱାରକୁ ଯାଇ ପତିତପାବନଙ୍କୁ ଦର୍ଶନ କରି ନିଜ ନିଜ ଘରକୁ ଯାଇଥିଲେ । ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ମନୋଜ ରଥ, ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା, କୋଷାଧ୍ୟକ୍ଷ କମଳାକାନ୍ତ ଆଚାର୍ଯ୍ୟ, ସଭ୍ୟ ମିହିର ଜେନା, ପ୍ରଦୀପ ସ୍ୱାଇଁ, ଭବାନୀ ସାମନ୍ତରାୟ, ସଞ୍ଜୟ ବେହେରା, ସଚୀନ୍ଦ୍ର ପ୍ରଧାନ, ଶାନ୍ତିଲତା ପରିଡ଼ା, ରଶ୍ମିତା ମହାନ୍ତି, ସତ୍ୟଦୀପ ମିଶ୍ର, ଆଦିତ୍ୟ ପ୍ରଧାନ, ନିରଞ୍ଜନ ନାୟକ, ଆପଣଙ୍କ ସେବାରେ ଅନୁଷ୍ଠାନର ସଭାପତି ଜିତେନ୍ଦ୍ର ମହାପାତ୍ର, ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ର, ରଞ୍ଜିତ ସାହୁ, ଜଗଦୀଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ସାହୁ, ଦେବାନନ୍ଦ ମିଶ୍ର, ଦିବ୍ୟରଞ୍ଜନ ଦାଶ, ଦେବୀପ୍ରସନ୍ନ ବ୍ରହ୍ମା, ନଳିନୀକାନ୍ତ ମିଶ୍ର, ଚିତ୍ତରଞ୍ଜନ ଦାଶ, ମିତା ସାହୁ, ଅର୍ଚ୍ଚନା ରଥ ପ୍ରମୁଖ ପରିଚାଳନା କରିଥିଲେ ।

# ପୁରୀ ଜିଲ୍ଲାରେ ୧୧୫ ମାଟ୍ରିକ ପରୀକ୍ଷା କେନ୍ଦ୍ର: ପରୀକ୍ଷା ଦେବେ ୨୧, ୨୯୨ ଛାତ୍ରଛାତ୍ରୀ

**ପୁରୀ, ୧୯।୨(ସମିସ):** ମଙ୍ଗଳବାରଠାରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା । ଚଳିତବର୍ଷ ପୁରୀ ଜିଲ୍ଲାର ମୋଟ ୨୧, ୨୯୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରେ ୨୦, ୪୬୮ ଜଣ ରେଗୁଲାର ଏବଂ ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ଥିବା ବେଳେ ମଧ୍ୟମା ୧୨୩ ଜଣ ଏବଂ ମୁକ୍ତ ବିଦ୍ୟାଳୟର ୭୦୧ ଜଣ ପିଲା ରହିଛନ୍ତି । ଏଥର ପୁରୀ ଜିଲ୍ଲାରେ ମୋଟ ୧୧୫ଟି ପରୀକ୍ଷା କେନ୍ଦ୍ର କରାଯାଇଛି । '୫-ଟି' ଉପକ୍ରମରେ ରୂପାନ୍ତର ବିଦ୍ୟାଳୟଗୁଡ଼ିକରେ ଏହି କେନ୍ଦ୍ର କରାଯାଇଛି । ସେହିପରି ୧୨ଟି ନୋଡାଲ ସେଣ୍ଟର କରାଯାଇଥିବା ବେଳେ ଏହାକୁ ୨୪ ଘଣ୍ଟିଆ କଡ଼ା ସୁରକ୍ଷା ବଳୟ ମଧ ରଖାଯାଇଛି । ସିସିଟିଭି ସାଙ୍ଗକୁ ଆର୍ମଡ ଫୋର୍ସ ମୁତୟନ ରହିଛନ୍ତି । ଏଠାରେ ପ୍ରଶ୍ନପତ୍ର ଆଦି କାଗଜପତ୍ର ରହିଛି । ନିର୍ଦ୍ଧାରିତ ସମୟରେ ନୋଡାଲ ସେଣ୍ଟରରୁ ପ୍ରତି କେନ୍ଦ୍ରକୁ ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚାଯିବାର ବ୍ୟବସ୍ଥା ହୋଇଛି । ସେହିପରି ସବୁ କେନ୍ଦ୍ରରେ ସିସିଟିଭି ଲଗାଯାଇଥିବା ବେଳେ ପ୍ରଥମଥର ପାଇଁ ଜିଲ୍ଲାର ସବୁ କେନ୍ଦ୍ର ଲାଗି ଅବ୍‌ଜରଭର ନିୟୋଜିତ କରାଯାଇଛି । ସେହିପରି ଜିଲ୍ଲାସ୍ତରରେ ୪ଟି ସ୍କ୍ୱାଡ୍ ଗଠନ କରାଯାଇଥିବା ବେଳେ ପ୍ରତିଦିନ ବୋର୍ଡରୁ ୨/୩ଟି ଟିମ୍ ଆସି ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିବେ । ପରୀକ୍ଷାକୁ ସ୍ୱଚ୍ଛ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷା ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେଥିଲାଗି ସବୁ ବିଡିଓ ଏବଂ ତହସିଲଦାରଙ୍କୁ ପରୀକ୍ଷା କେନ୍ଦ୍ର ପରିଦର୍ଶନରେ ଯିବା ପାଇଁ ମଧ୍ୟ କୁହାଯାଇଛି ।




### ମନ୍ତ୍ରୀଙ୍କ ଦ୍ୱାରା ମ୍ୟାନ୍‌ଗ୍ରୁଭ ରିଟ୍ରିଟ୍ ଉଦ୍‌ଘାଟିତ

# ପ୍ରକୃତିର ମଜା ନେବେ ପର୍ଯ୍ୟଟକ





**ଅସ୍ତରଙ୍ଗ, ୧୯ ।୨(ସମିସ)**

ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତର ଅନନ୍ୟ ପର୍ଯ୍ୟଟନସ୍ଥଳୀ ଗଙ୍ଗା ଦେବୀ ଠାରେ ସୋମବାର ଦିନ ବନ ବିଭାଗ ପକ୍ଷରୁ ୫କୋଟି ୧୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଡିସେମ୍ବର ୨୦୨୨ରୁ ନିର୍ମାଣ ହୋଇଥିବା ମ୍ୟାନ ଗ୍ରୋଭ ରିଟ୍ରିଟ୍ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା ଏବଂ ପୁରୀ ଜିଲ୍ଲାପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଯେଉଁଠି ପ୍ରାକୃତିକ ପରିବେଶ ରେ ରହି ଅତ୍ୟାଧୁନିକ ସୁବିଧା, ସୁନ୍ଦର କଟେଜ ସାଙ୍ଗକୁ ସୁସ୍ୱାଦ ଖାଦ୍ୟ ଓ ବୋଟିଂ, ଖେଳକୁଦର ମଜା ନେବା ସହିତ ରାତ୍ରିର ନୀରବତା ସାଙ୍ଗକୁ ସକାଳର ସୂର୍ଯୋଦୟ ଓ ସନ୍ଧ୍ୟାର ସୂର୍ଯ୍ୟ ଅସ୍ତ ଉପଭୋଗ କରିବାର ନିଆରା ଅନୁଭୂତି ମିଳିବ । ସାରା ଅଞ୍ଚଳ ସିସିଟିଭି ସୁରକ୍ଷା ବଳୟ ଭିତରେ ରହିବା ସାଙ୍ଗକୁ ମନୋରଞ୍ଜନ ସମସ୍ତ ସୁବିଧା ବି ସେଠାରେ କରାଯାଇଛି । ରାଜ୍ୟସରକାରଙ୍କ ଦ୍ୱାରା ଗଙ୍ଗାଦେବୀ ବେଳାଭୂମି ନିକଟରେ ଅତ୍ୟାଧୁନିକ ଆକର୍ଷଣୀୟ ମ୍ୟାନ୍‌ଗ୍ରୁଭ ରିଟ୍ରେଟ୍ ଭଳି ଅତ୍ୟାଧୁନିକ ଏବଂ ଆକର୍ଷଣୀୟ ନେଚର କ୍ୟାମ୍ପ ନିର୍ମାଣ ହୋଇଛି । ଏହା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏବଂ ଐତିହାସିକ ପୃଷ୍ଠଭୂମି ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିପାରିଛି । ଏଠାକୁ ଆସୁଥିବା ପର୍ଯ୍ୟଟକ ଗଙ୍ଗାଦେବୀ ନିକଟ ହେନ୍ତାଳ ବଣର ସୌନ୍ଦର୍ଯ୍ୟ ସାଙ୍ଗକୁ ଅସ୍ତରଙ୍ଗ ପୀରଜାହାନିଆ ବେଳାଭୂମି, ଚିତ୍ତବିନୋଦନ ପାଇଁ ଦେବୀ ନଦୀମୁହାଣ ହେନ୍ତାଳ ବଣ ମଧ୍ୟ ଭାଗରେ ପ୍ରବାହିତ ଶାଖା, ନଦୀରେ ବୋଟିଂ ମଜା ସହ ନାଳିକଙ୍କଡା ଓ ଦେଶ ବିଦେଶର ପକ୍ଷୀମାନଙ୍କୁ ଦେଖିବାର ମଜା, ବେଳାଭୂମିରେ ବସି ଡ଼ଲଫିନଙ୍କ ଜଳକ୍ରୀଡା, ହରିଣଙ୍କ ଅବାଧବିଚରଣ, ସାମୁଦ୍ରିକ ଜଳରାଶିରେ ବିରଳ ଅଲିଭ ରିଡଲେ କଇଁଛଙ୍କ ସମାଗମର ଅପୂର୍ବ ଦୃଶ୍ୟ ଦେଖିବାର ସୁଯୋଗ ପାଇବେ ।

ଏହି ରିଟ୍ରିଟ ସମ୍ବନ୍ଧରେ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ, ସ୍ୱାଧୀନ ନାୟକ, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ କୁହନ୍ତି ଅଞ୍ଚଳ ବାସୀଙ୍କ ବହୁତ ଦିନର ଆଶା ପୂରଣ ହୋଇଛି ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏହୁ ମ୍ୟାନଗ୍ରୁଭ ରିଟ୍ରେଟ୍‌ରେ ମାଛ, ଚିଙ୍ଗୁଡ଼ି, କଙ୍କଡା ପରି ତଟକା ସାମୁଦ୍ରିକ ଖାଦ୍ୟ ଖାଇବାର ସୁବିଧା ଥିବାରୁ ପର୍ଯ୍ୟଟକଙ୍କୁ ପୁନର୍ବାର ଏଠାକୁ ଆସିବାକୁ ଏକ ପ୍ରକାର ବାଧ କରିବ । ଏଠାରେ ଯାତ୍ରୀ ପର୍ଯ୍ୟଟକମାନଙ୍କ ରାତ୍ରି ଯାପନ ପାଇଁ ୧୦ଟି ଶୀତତାପ ନିୟନ୍ତ୍ରିତ କଟେଜ ସାଙ୍ଗକୁ ଦିନରେ ବୋଟିଂର ମଜା ନେବା ବ୍ୟବସ୍ଥା କରାଯାଇଛି । ପୁରୀ ଡିଏଫଓ ପି. ରାମସ୍ୱାମୀ, କୁହନ୍ତି ବିଶ୍ୱ ଜଳବାୟୁ ପରିବର୍ତନ ଦ୍ୱାରା ହେଉଥିବା ସଙ୍କଟକୁ ରୋକୁ ଥିବା ହେନ୍ତାଳ ବନ ପାର୍ଶ୍ୱରେ ମ୍ୟାନଗ୍ରୁଭ ରିଟ୍ରେଟ୍ ଏହି ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ କରିବା ସହ ପୁରୀ ଜିଲ୍ଲା ସମେତ ଅସ୍ତରଙ୍ଗ ଅଞ୍ଚଳର ଅର୍ଥ ନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ସହିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ଼ଃ ସଞ୍ଜିତ କୁମାର, ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ରାମସାମୀ ପି, ସହକାରୀ ବନ ସଂରକ୍ଷକ ଉତ୍ତମ କୁମାର ଗଡ଼ନାୟକ, ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ଦୁଇ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା, ସାଂସଦ ପ୍ରତିନିଧି ଚମ୍ପକ ବାରିକ, ସରପଞ୍ଚ କ୍ଷୀରୋଦ କାଣ୍ଡି, ଅସ୍ତରଙ୍ଗ ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳ, କାକଟପୁର ବ୍ଲକ ସଭାପତି ପ୍ରାଣକୃଷ୍ଣ ମଲ୍ଲିକ ଉପସ୍ଥିତ ଥିଲେ ।

## କଣାସ ବଡମଠ ମହନ୍ତଙ୍କୁ ମହାମଣ୍ଡଳେଶ୍ୱର ଉପାଧି



**କଣାସ, ୧୯ ।୨(ସମିସ):** କଣାସ ବ୍ଲକର କଣାସ ଗ୍ରାମରେ ପ୍ରତିଷ୍ଠିତ କଣାସ ବଡମଠର ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜଙ୍କୁ ମହାଣ୍ଡଳେଶ୍ୱର ଉପାଧିରେ ଭୂଷିତ କରାଯାଇଥିବା ଜଣାପଡ଼ିଛି । ଏହି ଉତ୍ସବରେ ଟିଳା ଦ୍ୱାରା ଗାଦ୍ୟାଚାର୍ଯ୍ୟ ମଙ୍ଗଳ ମଠାଧିଶ୍ୱର ଯଜ୍ଞସମ୍ରାଟ ହଜାର ଆଠ ମାଧବାଚାର୍ଯ୍ୟ ମହାରାଜା ମଲାଡ ବମ୍ବେ, ବାରହଭାଇ ଦାଡିଲା ଖାଲାସା ମହନ୍ତ ରାମକୃଷ୍ଣ ଦାସ ଜି, ପାପୁଡିଆ ମଠ, ପୁରୀ, ଶ୍ରୀକ୍ଷେତ୍ର ଚତୁଃ ସଂପ୍ରଦାୟ ସନ୍ଥ ସମିତିର ଅ୍ମକ୍ଷ ଡଃ ରାମଚରଣ ଦାସଜି, ନେବଲଦାସ ମଠ ପୁରୀ, ଅଯୋ୍ମା, ବୃନ୍ଦାବନ, ହରିଦ୍ୱାର, ଚିତ୍ରକୂଟ, ମହାରାଷ୍ଟ୍ର, ସୌରାଷ୍ଟ୍ର, ରାଜସ୍ଥାନ, ମମିଶ୍ୟାରର୍ଣ୍ଣ ଶାତାଧିକ ମହାମଣ୍ଡଳେଶ୍ୱରମାନେ ଉପସ୍ଥିତ ହୋଇ ମହାମଣ୍ଡଳେଶ୍ୱର ଉପାଧିରେ ଭୂଷିତ କରାଇଥିଲେ । ଏଥିରେ ତାଙ୍କର ପଟ୍ଟଶିଶ୍ୟ ମହନ୍ତ ସନାତନ ଦାସ ଜିଙ୍କୁ କଣାସ ବଡମଠର ଉତାରାଧିକାରୀ ଭାବେ ସୀକୃତୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

## କୋଣାର୍କ ସାହିତ୍ୟ ଉତ୍ସବ ଆୟୋଜିତ



**କୋଣାର୍କ, ୧୯ ।୨(ସମିସ):** କୋଣାର୍କ ନାଟ୍ୟମଣ୍ଡପ ପକ୍ଷରୁ ଆୟୋଜିତ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଅବସରରେ ସୋମବାର କୋଣାର୍କ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅର୍କଶ୍ରୀ ସମ୍ପାଦକ ସମାଜସେବୀ ଉମେଶ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର, ଗାଳ୍ପିକ ଡକ୍ଟର ଅଜୟ ସ୍ୱାଇଁ, ଶ୍ରୀ ସାହିତ୍ୟର ସମ୍ପାଦକ କୃଷ୍ଣ ନାୟକ, କୋଣାର୍କ ନାଟ୍ୟମଣ୍ଡପର ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠ କାର୍ଯ୍ୟକ୍ରମରେ ଉପସ୍ଥିତ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ ।

## ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଆନ୍ଦୋଳନ

**ନିମାପଡ଼ା, ୧୯।୨(ସମିସ):** ନିମାପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ଆଜି ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ୬ଦଫା ଦାବିରେ ଆନ୍ଦୋଳନ କରିଛନ୍ତି । ଦାବି ଗୁଡିକ ମଧ୍ୟରେ ଓଡିଆରଏସ ନିୟମ ୧୯୮୩ରେ ଆବଶ୍ୟକ ସଂଶୋଧନ ମାଧ୍ୟମରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ ପୁର୍ନଗଠନ, ସରକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ, ଓଆର ଏସପି ସ୍ତରରେ ୮ (ସେଲ -୧)ଶତକଡା ୯୦ଭାଗ ରାଜସ୍ୱ ନିରୀକ୍ଷକଙ୍କ ପୋଷ୍ଟ ପଦୋନ୍ନତି ସ୍ଥିର କରାଯାଉ, ବିଓଆର କଟକ ଦ୍ୱାରା ପ୍ରକାଶିତ ଜବଚାଟ ଧାର୍ଯ୍ୟ କରାଯାଇଥିବା କାର୍ଯ୍ୟସୂଚୀ ଅନୁସାରେ ରାଜସ୍ୱ ସୁପରଭାଇଜର ପଦର ନାମକରଣ, ଅତିରିକ୍ତ ତହସିଲଦାରଙ୍କୁ କରାଯାଉ, ରାଜସ୍ୱ ମଣ୍ଡଳରେ ତହସିଲ ଗୁଡିକରେ ନିଯୁକ୍ତି କରାଯାଉ, ଓଏସ ପାଇଁ ୨୫ଭାଗ ପୋଷ୍ଟ ପଦୋନ୍ନତି ଯୋଗ୍ୟ ରାଜସ୍ୱ ସୁପର ଭାଇଜର (ପ୍ରସ୍ତାବିତ ଅତିରିକ୍ତ ତହସିଲଦାର)ଙ୍କ ଦରମା ସେବା କାର୍ଯ୍ୟକାଳ ଏବଂ ରାଜସ୍ୱ ପ୍ରସାଶନର ଅଭିଜ୍ଞତା ଉପରେ ଆଧାରକରି ପଦୋନତୀ ପାଇଁ ସଇରକ୍ଷିତ ରଖାଯାଉ ଆଦି ଦାବୀରେ ଆନ୍ଦୋଳନ ଜାରୀ ରଖିଛନ୍ତି । ସଭାପତି ପାର୍ଥ ସାରଥି ସେଠୀ, ସମ୍ପାଦକ କଅଁର ମୁର୍ମୁ, ସୁପରଭାଇଜରଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ କର୍ମଚାରୀ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିଲେ ।

## ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍

**ଚାରିଛକ/ନୟାହାଟ, ୧୯।୨ (ସମିସ):** ପୁରୀ ଜିଲ୍ଲାର ବହୁ ପୁରାତନ ହସ୍ପିଟାଲ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନ କରି ଫେରିଯାଇଛନ୍ତି । ଉକ୍ତ ଟିମରେ ଡିପିଏମ ଟି.ନାରାୟଣ ରାଓ, ଏଏମ କ୍ୱାଲିଟ କଣ୍ଟ୍ରୋଲର କସ୍ତୁରୀ ପ୍ରିୟମ୍ବଦାଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ନିର୍ଦ୍ଦେଶକ ଡା.ସନ୍ଦୀପନି ପତି, ଡା.ଆଶାଲତା ପତି ଓ ଡା.ସୌମ୍ୟାଶ୍ରୀ ମହାପାତ୍ର ସୋମବାରଦିନ ସକାଳୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମସ୍ତ ବିଭାଗ ବୁଲି ଦେଖିବା ସହିତ ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ ଅନୁକୂଳ ବ୍ୟବସ୍ଥା, ସଂକ୍ରମଣ ନିୟନ୍ତ୍ରଣ, ପ୍ରସ୍ତୁତୀ ବିଭାଗ, ବହିଂ ବିଭାଗ, ନିରାମୟ କେନ୍ଦ୍ର, ଅସ୍ତ୍ରୋପ୍ରଚାର ଗୃହ ଆଦି ସମସ୍ତ ବିଭାଗ ବୁଲି ଦେଖିବା ସହ ନୂତନ ଅନ୍ତେବାସୀ ହଲ ବୁଲି ଦେଖିଥିଲେ । ପରେ ଅଫିସକୁ ଆସି ସମସ୍ତ କାଗଜ ପତ୍ରସବୁ ଯାଞ୍ଚ କରିଥିଲେ । କାୟାକଳ୍ପ ଟିମ ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଡା.ମହେଶ ମହାପାତ୍ର, ଡା.ଅଭିନନ୍ଦନ ମହାପାତ୍ର, ଡା, ସୌମେନ୍ଦ୍ର କୁମାର ବିଶ୍ୱାଳ, ଡା.ସରୋଜା ଲକ୍ଷ୍ମୀ ଦାଶ, ବିପିଏମ ଶିବ ନାରାୟଣ ନନ୍ଦ, ବିଏଏମ ଆଶୁତୋଷ ମିଶ୍ର, ଫାର୍ମାସିଷ୍ଟ ପ୍ରଣତିପ୍ରଭା ନନ୍ଦ, ଫାର୍ମାସିଷ୍ଟ ପ୍ରଶାନ୍ତ କୁମାର ବେହେରା, ସ୍ୱାସ୍ଥ୍ୟକର୍ମୀ ତପନ କୁମାର ସାହୁଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ । କାୟାକଳ୍ପ ଟିମ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ପରିଷ୍କାର ପରିଛନତା ଦେଖି ବେଶ ଖୁସି ବ୍ୟକ୍ତ କରିଥିଲେ ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ନିମାପଡ଼ା, ୧୯।୨ (ସମିସ):** ନିମାପଡ଼ାସ୍ଥିତ ଟାଉନହଲ ପଡ଼ିଆରେ ସୋମବାର ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଏନଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଏନଏସି ଉପାଧକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ପରିମଳ ବିଭାଗ ଅଧିକାରୀ ବିଜୟ ଗହାଚାର୍ଯ୍ୟ, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାଶ, ରାଜକିଶୋର ସାହୁ, ନିବେଦିତା ପଟ୍ଟନାୟକ, ସମ୍ପାଦକ ସନ୍ତୋଷ ଓଝା ଯୁବ ସଭାପତି ସତ୍ୟଜିତ ଆଚାର୍ଯ୍ୟ, ସାଇପ୍ରୀତମ ପଟ୍ଟନାୟକଙ୍କ ସମେତ ଏନଏସିର ୫, ୬,



.୭, ୮ ନଂ ୱାର୍ଡର ବହୁ ଯୁବକର୍ମୀ ଓ ମହିଳା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟରେ କରାଯାଇଥିବା ଓ କରାଯିବାକୁ ଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନବୀନ ବାବୁଙ୍କୁ ପୁର୍ନବାର ଷଷ୍ଠଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଗତ ୧୦ବର୍ଷ ମଧ୍ୟରେ ନିମାପଡ଼ା ଏନ୍‌ଏସିରେ ଅନେକ ବିକାଶ କାର୍ଯ୍ୟକ୍ରମ କରାଯାଇଛି, ମାତ୍ର ଆଉ ଯାହା ବାକି ଅଛି ତାହା ଖୁବଶିଘ୍ର ଶେଷ କରାଯିବା ବୋଲି ବିଧାୟକ ଶ୍ରୀ ଦାଶ ପ୍ରତିଶ୍ରୁତି ଦେଇଛନ୍ତି ।

## ମିଶନଶକ୍ତି ନିଯୁକ୍ତି ବିଳମ୍ବକୁ ନେଇ ଧାରଣା ୨୨ ଦିନରେ; ସମାଧାନର ସୂତ୍ର ମିଳୁନି

**କାକଟପୁର, ୧୯ ।୨(ସମିସ):** ଜାନୁଆରୀ ୨୯ରୁ ଆଜିକୁ ୨୨ ଦିନ ପୁରିଲାଣି ମିଶନ ଶକ୍ତି ନିଯୁକ୍ତି ଘୋଷଣା ବିଳମ୍ବକୁ ନେଇ କାକଟପୁର ବ୍ଲକର ମାଆମାନେ ଧାରଣାରେ ବସିଛନ୍ତି । ଉଦ୍ଦେଶ୍ୟ ହେଲା ସି ଆର ପି, ଏମ ବି କେ ଓ ବ୍ୟାଙ୍କ ମିତ୍ର ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ଚୟନ ତାଲିକା ବାହାରୁ କିନ୍ତୁ ବାହାରି ପାରିଲା ନାହିଁ । ସେମାନେ ୨୨ ଦିନ ହେଲାଣି ବ୍ଲକ ଧାରଣାରେ ବସିଛନ୍ତି । କିନ୍ତୁ ସମାଧାନର ସୂତ୍ର ବାହାରିପାରିଲା ନାହିଁ । ବ୍ଲକସ୍ତରୀୟ ଓ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତାଙ୍କ ମନମାନିର ଫଳ ଛମାସ ହେଲାଣି ଆବେଦନ କରିଥିବା ପ୍ରାର୍ଥୀନୀମାନେ ବ୍ଲକକୁ ଦୌଡ଼ି ଦୌଡ଼ି ଥକି ଗଲେଣି । ଚୟନ ତାଲିକାକୁ ବାହାରିବା ନେଇ ପଞ୍ଚାୟତ ସଂଘ କମିଟି, ବ୍ଲକସ୍ତରୀୟ କର୍ମକର୍ତ୍ତା, କ୍ଲଷ୍ଟରସ୍ତର କର୍ମକର୍ତ୍ତା ଦସ୍ତଖତ କଲେ ତାଲିକା ବାହାରିବ । କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ଦସ୍ତଖତ ଦେବାକୁ ଧରାଛୁଆଁ ଦେଉ ନଥିବାରୁ ଆଜି ତାଲିକା ପ୍ରକାଶନ ହେବାକୁ ଥିଲେ ମଧ୍ୟ ହୋଇ ପାରି ନାହିଁ । ଅନ୍ୟପକ୍ଷରେ ବ୍ଲକ ଅଧ୍ୟକ୍ଷଙ୍କ ହସ୍ତକ୍ଷେପରେ ବ୍ଲକ ସଂଘର ସମ୍ପାଦିକା, ସଭାନେତ୍ରୀ ଓ ବ୍ଲକ ସଂଘର କର୍ମକର୍ତ୍ତାମାନେ ବସି ଯେଉଁମାନେ ସହଯୋଗ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ସହ ସାନି ସଭ୍ୟ ଚୟନ କରି ତାଲିକା ପ୍ରକାଶ ପାଇଁ ବୈଠକ ଖାତାରେ ଲିପିବଦ୍ଧ କରାଯାଇଛି । ଜିଲ୍ଲାସ୍ତରର ଅଧିକାରୀମାନେ ହସ୍ତକ୍ଷେପ କରିବାକୁ ଆବେଦନ କରଥିବା ପ୍ରାର୍ଥୀନୀମାନେ ଅନୁରୋଧ କରିଛନ୍ତି । ଯୋଗ୍ୟତାକୁ ଅଗ୍ରାଧିକାର ଦିଆଗଲେ ଉପୁଜିଥିବା ପରିସ୍ଥିତିର ସମାଧାନ ହୋଇ ପାରିବ ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

## ବିଭିନ୍ନ ସମସ୍ୟା ନେଇ ଡେଲାଙ୍ଗ ବିକାଶ ପରିଷଦର ଆଲୋଚନା

**ଡେଲାଙ୍ଗ, ୧୯।୨(ସମିସ):** ଡେଲାଙ୍ଗ ହାଟ ବଜାରସ୍ଥିତ ଡେଲାଙ୍ଗ ବିକାଶ ପରିଷଦର ସାମ୍ବାଦିକ ସମ୍ମିଳନୀ ଶିକ୍ଷାବିତ୍ ତଥା ପରିଷଦର ଉପସଭାପତି କୁନ୍ତଳା କୁମାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଜଗନ୍ନାଥ ନରେନ୍ଦ୍ର, ସହସମ୍ପାଦକ ପ୍ରସନ୍ନ ମହାରଥି, ସଦଶ୍ୟ ପଠାଣୀ ପ୍ରଧାନ, ଅଭିନାନନ୍ଦ ପ୍ରଧାନ, ସୁରେନ୍ଦ୍ରନାଥ ଛୋଟରାୟ, ପ୍ରମୋଦ ପ୍ରଧାନ, ସୁଧାକର ପ୍ରଧାନ, ସତ୍ୟବାଦୀ ଜୟସିଂହ ପ୍ରମୁଖ ଉପସ୍ଥିତ ରହି ଡେଲାଙ୍ଗର ବିକାଶ କ୍ଷେତ୍ରରେ ପରିଷଦର ଥିବା ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ଦାବି କରିଥିଲେ । ଚାଷୀମାନଙ୍କ ସୁବିଧା ପାଇଁ ଶିତଳ ଭଣ୍ଡାର ନିର୍ମାଣ, ଡେଲାଙ୍ଗକୁ ପୌରାଞ୍ଚଳର ମାନ୍ୟତା ପ୍ରଦାନ, ବର୍ଷାଦିନେ ଲୁଣା ନଦୀରେ ବନ୍ୟାଜଳ ନିୟନ୍ତ୍ରଣ ବ୍ୟବସ୍ଥା, ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ନିଯୁକ୍ତି, ବେକାର ଯୁବକ ଯୁବତୀଙ୍କ ପାଇଁ ଦକ୍ଷତା ତାଲିମ କେନ୍ଦ୍ର ପ୍ରତିଷ୍ଠା, ନୂତନ ରାସ୍ତା ନିର୍ମାଣ ବେଳେ ଜଳନିସ୍କାସନ ବ୍ୟବସ୍ଥା, କାଞ୍ଜିଆହତା ପ୍ରତିଷ୍ଠା, ପିପିଲି ନିର୍ବାଚନ ମଣ୍ଡଳି ନାମ ପରିବର୍ତ୍ତନ କରି ଡେଲାଙ୍ଗ -ପିପିଲି ନିର୍ବାଚନ ମଣ୍ଡଳୀ ନାମକରଣ, ବିଶ୍ୱନାଥ ପାହାଡ ଉପରକୁ ଚାରିଚକିଆ ଯାନ ଯାତାୟତ କରିବା ପାଇଁ ସୁଗମ ରାସ୍ତା ନିର୍ମାଣ ଆଦି ପରିଷଦ ମଣ୍ଡଳି ପକ୍ଷରୁ ୧୨ ଦଫାଦାବି କରାଯାଇଛି ।



## ବାଙ୍ଗୁରୀଗାଁ ପଞ୍ଚାୟତ ଅଫିସ୍ ଆଗରୁ ଜବରଦଖଲ ଉଚ୍ଛେଦ



**ବାଙ୍ଗୁରୀଗାଁ/ଗମ୍ଭାରୀପଦା/କାକଟପୁର, ୧୯ ।୨(ସମିସ):** କାକଟପୁର ବ୍ଲକ ବାଙ୍ଗୁରୀଗାଁ ପଞ୍ଚାୟତରେ ବେଆଇନ ଜବରଦଖଲ ଯୋଗୁଁ ସାଧାରଣ ଲୋକେ ନାନାପ୍ରକାର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ । ଏପରିକି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହୋଇ ରୋଗୀର ଜୀବନହାନି ହେଉଥିଲା । ପୂର୍ବରୁ ଥିବା ପଞ୍ଚାୟତ ସରପଞ୍ଚମାନେ ଏଭଳି ଦୁଃସାହସିକ ପଦକ୍ଷେପ ନେବାକୁ ଉଚିତ ମଣୁ ନଥିଲେ । ଯାହାଫଳରେ ପଞ୍ଚାୟତବାସୀ ଜଣେ ଉଦୀୟମାନ ଯୁବ ସରପଞ୍ଚଙ୍କୁ ନିର୍ବାଚିତ କରି ବେଆଇନ ଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ଅନୁରୋଧ କରିଥିଲେ । ସରପଞ୍ଚ ପାର୍ଥ ବେହେରାଙ୍କ ପ୍ରଚେଷ୍ଟା ଫଳରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅତିରିକ୍ତ ତହସିଲଦାର ହେମାଙ୍ଗୀନି ମାଝିଙ୍କ ଉପସ୍ଥିତିରେ କାକଟପୁର ଥାନା ଆଇଆଇସି ଉମେଶ ସାହୁ ଏକ ପ୍ଲାଟୁନ ଫୋର୍ସଙ୍କୁ ନେଇ ଶାନ୍ତିଶୃଙ୍ଖଳାର ସହ ଜବର ଦଖଲ ହଟାଇଥିଲେ । ଯୁବ ସରପଞ୍ଚଙ୍କ ଏତାଦୃଶା କାର୍ଯ୍ୟକୁ ପଞ୍ଚାୟତ ବାସୀମାନେ ଧନ୍ୟବାଦ ଦେଇଛନ୍ତି ।

### ପଦ୍ମଚରଣ ସାମନ୍ତ ସିଂହାର ଫୁଟବଲ ଟୁର୍ଣ୍ଣାମେଣ୍ଟ

## ୟୁନାଇଟେଡ୍ କ୍ଲବ୍ ଗଣ୍ଡରପୁର ଚାମ୍ପିଅନ

**ନିମାପଡ଼ା, ୧୯।୨(ସମିସ)**




ନିମାପଡ଼ା ବାରବାଟୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଫାଇନାଲ ମ୍ୟାଚ୍‌ରେ ୨-୧ ଗୋଲରେ ୟୁନାଇଟେଡ ଫୁଟବଲ କ୍ଲବ୍ ଗଣ୍ଡରପୁର ଭୁବନେଶ୍ୱର ଚମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ୟୁନାଇଟେଡ ଫୁଟବଲ କ୍ଲବ୍ ଗଣ୍ଡରପୁର ଭୁବନେଶ୍ୱର ଏବଂ ମା'ତାରେଣୀ କ୍ଲବ୍ କେନ୍ଦୁଝର । ଉଭୟଙ୍କ ମଧ୍ୟରେ କଡ଼ା ମୁକାବିଲା ସତ୍ୱେ ୨-୧ ଗୋଲରେ ୟୁନାଇଟେଡ ଫୁଟବଲ କ୍ଲବ ଗଣ୍ଡରପୁର ଭୁବନେଶ୍ୱର ଚାମ୍ପିଅନ ହୋଇଛି । ମ୍ୟାନ ଅଫ ଦ ମ୍ୟାଚ୍ ସୁନିଲ ସୋରେନ୍ ଓ ମ୍ୟାନ ଅଫ ଦ ସିରିଜ ଭାବେ ଚନ୍ଦନ ନାୟକ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ମ୍ୟାଚକୁ ପରିଚାଳନା କରିଥିଲେ ସୁଦିପ ଦାସ, ରାଜେନ୍ଦ୍ର ବାରିକ, ପ୍ରିୟବ୍ରତ ବାହିନପତି, ସମର ବରାଳ ଓ ସୁଶାନ୍ତ ରାଉତରାୟ । ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଜଗତ ପ୍ରସାଦ ସାବ୍ରତ, କ୍ରୀଡାବିତ୍ ମହେନ୍ଦ୍ର ସିଂ ଭାଟିଆ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ର କୁମାର ଖଟୋଇ, ଆଥ୍‌ଲେଟିକ ଆସୋସିଏସନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିଅନ ୟୁନାଇଟେଡ ଫୁଟବଲ କ୍ଲବ୍ ଗଣ୍ଡରପୁର ଦଳକୁ ନଗଦ ୩୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ମା'ତାରେଣୀ ଫୁଟବଲ କ୍ଲବ୍ କେନ୍ଦୁଝରକୁ ୨୫ହଜାର ଟଙ୍କା ସହ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା ।

### ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ପାନୀୟ ଜଳ ସମସ୍ୟାକୁ ନେଇ ବର୍ଷିଲେ ଜିଲ୍ଲାପାଳ

**ପିପିଲି, ୧୯ ।୨(ସମିସ)**

ପିପିଲି ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣିରେ ବ୍ଲକର ବିଭିନ୍ନ ପଞ୍ଚାୟତର ଅଧିବାସୀମାନେ ସେମାନଙ୍କ ଅଭିଯୋଗ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କୁ ପ୍ରଦାନ କରିଥିଲେ । ମୁଖ୍ୟତଃ ପିପିଲି ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ର ସୁବିଧା ପାଇପାରୁ ନଥିବାରୁ ଅଭିଯୋଗ କରିଥିଲେ । ସେମାନଙ୍କ ଅଭିଯୋଗକୁ ଗ୍ରହଣ କରି ପଦକ୍ଷେପ ନେବା ସହିତ ସେମାନଙ୍କୁ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଯଥାଶୀଘ୍ର ସାମିଲ କରାଇବା ପାଇଁ ଜିଲ୍ଲାପାଳ ପୁରୀ ସହକାରୀ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଅଭିଯୋଗ ଶୁଣାଣିର ମୁଖ୍ୟ ଅଭିଯୋଗ ରହିଥିଲା ପାନୀୟ ଜଳର ସମସ୍ୟା । ବ୍ଲକର ତେଇଶପୁର ମଙ୍ଗଳପୁର ଦୁର୍ଗାଦାଶପୁର ବୀର ପୁରୁଷୋତ୍ତମପୁର ସରସ୍ୱତୀପୁର କୁଳଶିଖର ପାଟଣା ଭାରତୀପୁର ନୂଆଶାସନ ଯଶୁଆପୁର ପଞ୍ଚାୟତରେ ପାନୀୟ ଜଳର ସମସ୍ୟା ରହିଥିବା ବେଳେ ସମାଧାନ କ୍ଷେତ୍ରରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନିବେଦିତା ପାଣିଗ୍ରାହୀ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ କାଳୁ ଚରଣ ପାତ୍ର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି । ଜଳସ୍ତର କମୁଥିବାବେଳେ ପାଇପ ଲାଇନ ହିଁ ଏକମାତ୍ର ଭରସା । ତେବେ ଏହି ପାଇପ ଲାଇନରେ ପାଣି ନ ମିଳିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେପଟେ ଏ ସମସ୍ତ ପଞ୍ଚାୟତରେ ଲୋକମାନେ ପାନୀୟ ଜଳ ପାଇପାରୁ ନ ଥିବାରୁ ପିପିଲଇ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗରସହକାରୀ ଯନ୍ତ୍ରୀ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଉପରେ ଜିଲ୍ଲାପାଳ ବର୍ଷିଥିଲେ । ଅନ୍ୟତମ ଅଭିଯୋଗ ଭାବରେ ପିପିଲି ବ୍ଲକର କୌଣସି କର୍ମଚାରୀ ହେଡ଼ କ୍ୱାଟରରେ ରହୁ ନ ଥିବାର ଅଭିଯୋଗ କରାଯାଇଥିଲା । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୧୩୩ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।



## ନୟାଗଡ଼ ସହରବାସୀଙ୍କୁ ନବୀନଙ୍କ ନୂତନ ଭେଟି

# ୯ କୋଟି ୬୪ ଲକ୍ଷ ଟଙ୍କା ରାସ୍ତାର ଶିଳାନ୍ୟାସ




ନୟାଗଡ଼, ୧୯ ।୨(ସମିସ): ନୟାଗଡ଼ ସହର ପ୍ରଗତିର ଆଉ ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ସହରବାସୀଙ୍କୁ ଦେଇଛନ୍ତି ନୂତନ ଭେଟି। ନୟାଗଡ଼ ସହରର ବିଭିନ୍ନ ରାସ୍ତାଘାଟର ଉନ୍ନତିକରଣ ନିମନ୍ତେ ୯ କୋଟି ୬୪ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ସହରର ସମସ୍ତ ଗଳିକନ୍ଦି ରାସ୍ତା ଉନ୍ନତି କରଣ ହେବ। ସୋମବାର ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ଶିଳାନ୍ୟାସ କରିଛନ୍ତି। ଗମନା ଗମନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଧାନ୍ୟ ଦେଇଛନ୍ତି। ସୋମବାର ଏଥି ନିମନ୍ତେ ବଡ ମଠ ଠାରେ ବିରାଟ ସଭାର ଆୟୋଜନ କରାଯାଇଥିଲା। ପିଡବ୍ଲୁଡି ରାସ୍ତା ଠାରୁ ତାରିଣୀ ନଗର, ସୁର ନଗର, ମାର୍ଥା କଲୋନୀ, ସରସ୍ୱତୀ ବିହାର ଏବଂ ଏସପିଙ୍କ ବାସଭବନ ଲେନ ଠାରୁ ବସନ୍ତ ବିହାର, ଶ୍ରୀକୃଷ୍ଣ ବିହାର, ଶାନ୍ତି ଗୋପାଳ ନଗର, ଚିଦାନନ୍ଦ ବିହାର, ପ୍ରକୃତି ବିହାର, ରାଧାନାଥ କଲୋନୀ, ଭିଜିଲାନ୍ସ ଲେନ୍, ପୁରୁଣା ରାଜବାଟୀ ରାସ୍ତା, କେଉଟ ସାହି, ବ୍ରାହ୍ମଣ ସାହି, କୁଞ୍ଜବିହାରି ସାହି, କରଣ ସାହି, ଶୁଖୁଆ କନ୍ଦି, ତିଅର ସାହି ଓ ମଙ୍ଗଳା ସାହିର ରାସ୍ତା ଓ ଡ୍ରେନ୍‌ର ଉନ୍ନତିକରଣ କାର୍ଯ୍ୟ କରାଯିବ। ଏହି ଅବସରରେ ଡ. ସାହୁ ନୟାଗଡ଼ ମାଟି ଜୟ ଜୟ ଗାନ କରିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ସହରବାସୀଙ୍କ ପାଇଁ ଅନୁଦାନ ଢାଳି ଦେଉଛନ୍ତି। ଏଥି ସହିତ ସମସ୍ତ ରାସ୍ତାଘାଟର ଦାୟିତ୍ୱ ନେବା ଆମ ମାନଙ୍କର ନିହାତି ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାର୍ଯ୍ୟନିର୍ବାହି ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ସମାଜସେବୀ ପ୍ରମୋଦ ପଟ୍ଟନାୟକ ଓ ସମସ୍ତ କାଉନସିଲର ମାନେ ଉପସ୍ଥିତ ଥିଲେ।

## ଦୁଇଟି ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ନୟାଗଡ଼, ୧୯ ।୨(ସମିସ): ମହିଳାମାନେ ହେବେ ସ୍ୱାବଲମ୍ବି। ଆର୍ଥିକ ଓ ସାମାଜିକ ବିକାଶ କ୍ଷେତ୍ରରେ ଅଗ୍ରଣୀ ହେବେ ମହିଳା। ସେଥି ନିମନ୍ତେ ମିଶନ ଶକ୍ତିକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ନୟାଗଡ଼ ସହରର ପ୍ରତ୍ୟେକ ୱାର୍ଡରେ ନିର୍ମାଣ ହୋଇଛି ମିଶନ ଶକ୍ତି ଗୃହ। ମହିଳାମାନେ ଏକାଠି ବସି ବିଭିନ୍ନ ଯୋଜନା ପ୍ରସ୍ତୁତ କରିବେ। ଆଜି ଅପରାହ୍ନରେ ନୟାଗଡ଼ ସହରର ନିର୍ମାଣ ହୋଇଥିବା ଦୁଇଟି ୱାର୍ଡରେ ଦୁଇଟି ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତିକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସୋମବାର ନୟାଗଡ଼ ପୌରାଞ୍ଚଳର ୭ ନଂ ୱାର୍ଡ ଓ ୯ ନଂ ୱାର୍ଡରେ ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଓ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ।

**ଆଜିଠାରୁ ମାଟ୍ରିକ ପରୀକ୍ଷା**

# ୧୨ ସେଣ୍ଟର୍‌ରେ ୧୭୭୮ ଛାତ୍ରଛାତ୍ରୀ

ଓଡ଼ଗାଁ, ୧୯ ।୨ (ସମିସ): ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏଥି ନିମନ୍ତେ ଓଡ଼ଗାଁ ବ୍ଲକ ଶିକ୍ଷା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ଚଳିତବର୍ଷ ଓଡ଼ଗାଁ ବ୍ଲକର ୧୨ଟି ସେଣ୍ଟରରେ ୧୭୭୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଚଳିତ ବର୍ଷ ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ରଘୁନାଥ ବିଦ୍ୟାପୀଠକୁ ନୋଡାଲ ସେଣ୍ଟର କରାଯିବାବେଳେ ୭ ଘଟିକା ୩୦ ମିନିଟ ସୁଦ୍ଧା ସମସ୍ତ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଠିକ ସେହିପରି ସମ୍ବେଦନଶୀଳ କେନ୍ଦ୍ରରେ ବ୍ୟାପକ ପୁଲିସ ମୁତୟନ ହେବା ସହ ପ୍ରତି କେନ୍ଦ୍ରରେ ସିସିଟିଭି ଓ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷେ ସକାଳ ୯ ଘଟିକାରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ୮ ଘଟିକା ସୁଦ୍ଧା ପର୍ଯ୍ୟବେକ୍ଷକ ଓ ଛାତ୍ର ଛାତ୍ରୀ ପ୍ରବେଶ କରିବା ପାଇଁ କୁହାଯାଇଛି। କପିକୁ ରୋକିବା ନିମନ୍ତେ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଇଭ ଷ୍ଟ୍ରିମିଙ୍ଗ ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଛି ସହ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯିବା ନେଇ ଓଡ଼ଗାଁ ବ୍ଲକ ଶିକ୍ଷାଅଧିକାରୀ ଗୀତାଞ୍ଜଳି ସାହୁ ସୂଚନା ଦେଇଛନ୍ତି।

**ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର**

# ୧୩୬ ଅଭିଯୋଗ ପଞ୍ଜିକୃତ, ୧୪ ତତ୍କାଳ ସମାଧାନ

ଓଡ଼ଗାଁ, ୧୯ ।୨(ସମିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ଏବଂ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ପଣ୍ଡା ଏବଂ ଡେପୁଟି କଲେକ୍ଟର ତପତି ରାଜଙ୍କ ଉପସ୍ଥିତିରେ ୧୩୬ ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୧୨୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨ଟି ସାମୁହିକ ଗ୍ରାମବାସୀଙ୍କ ଓ ୭ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ସମସ୍ୟା ରହିଥିବା ବେଳେ ରେଡ଼କ୍ରସ ସମ୍ବନ୍ଧୀୟ ସମସ୍ୟା ଶୂନ ରହିଥିଲା। ଶିବିରରେ ୧୪ଟି ସମସ୍ୟାର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ମାମଲାଗୁଡିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଅତିରିକ୍ତ ବିଡିଓ କବିତା କୁମାରୀ ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, ଓଡ଼ଗାଁ ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ ସହିତ ଜିଲ୍ଲାର ବିଭାଗୀୟ ପଦସ୍ଥ ଅଧିକାରୀ ମାନେ ଯୋଗ ଦେଇ ଅଭିଯୋଗ ଶୁଣିଥିଲେ।




# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୧୯ ।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର କୁମ୍ଭାରପଡ଼ା ପଞ୍ଚାୟତର ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଲୋକଙ୍କୁ ଯୋଜନା ବାବଦରେ ସଚେତନ କରିବାର ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ବିଡିଓ ଅଙ୍କୁର ଅଭିଳାଷ, ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ବ୍ଲକ ମହିଳା ସଭାନେତ୍ରୀ ମିନତୀ ସାହୁ, ସମିତିସଭ୍ୟ ନରେନ୍ଦ୍ରନାଥ ଦାଶ, ଜୋନ ସଭାପତି ଅଖିଳ କୁମାର ପଣ୍ଡା, ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ, କୋସ୍କା ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ବଳଭଦ୍ର ପ୍ରସାଦ ସମିତି ପ୍ରତିନିଧି ବୁଲୁ ଦାଶ, ଢୋଲମରା ସମିତି ସଭ୍ୟ ମାନସ ଦାଶ, କୋସ୍କା ସମିତି ସଭ୍ୟ ପ୍ରତିନିଧି ସୁବାଷ ଚନ୍ଦ୍ର ବେହେରା, ବରିଷ୍ଠ ସଂଗଠକ ହରିହର ପଣ୍ଡା ବ୍ଲକ ଯୁବ ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜନ୍ମେଜୟ ଦଳେଇ ସଂଯୋଜନା କରିଥିଲେ। ଉପାଧ୍ୟକ୍ଷ ଶ୍ରୀ ସାହୁଙ୍କ ନେତୃତ୍ୱରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିର୍ବାଚିତ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ପାଲା ପରିବେଷଣ, ଛାତ୍ରଛାତ୍ରୀ ଏବଂ ଦୁର୍ଗା ଡ୍ୟାନ୍ସ ଗ୍ରୁପର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।




# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଆନ୍ଦୋଳନ

ନୟାଗଡ଼, ୧୯ ।୨(ସମିସ): ନୟାଗଡ଼ ତହସିଲ କାର୍ଯ୍ୟାଳୟ ପରିସରରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଜାରି ରହିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଏବଂ ଉନ୍ନୟନମୂଳକ ଯୋଜନା ଗୁଡିକୁ ତୃଣମୂଳସ୍ତରରେ ସଫଳ ରୂପାୟନ ଓ ପ୍ରତିଟି ଜନସାଧାରଣଙ୍କ ନିକଟରେ ନିର୍ଦ୍ଦିଷ୍ଟ ସମୟ ସୀମାରେ ସେବା ଯୋଗାଇବା ଲାଗି ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଦିନ ରାତି ଅହରହ ପ୍ରଚେଷ୍ଟିତ କରୁଛନ୍ତି। ସେମାନଙ୍କର ୬ ଦଫା ଦାବି ମଧ୍ୟରୁ ମୁଖ୍ୟ ଦାବି ଯଥା କ୍ୟାଡର ପୁନଃ ସରଞ୍ଜନା କରି ବିଜ୍ଞପ୍ତି ପ୍ରକାଶ କରାନଯାଇଛି ସେତେଦିନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୩୦ ଜିଲ୍ଲାର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ କ୍ଷେତ୍ର କର୍ମଚାରୀମାନେ ଧାରଣାରେ ବସିବେ ବୋଲି ସୂଚନା ମିଳିଛି। ନୟାଗଡ଼ ତହସିଲ ସମ୍ମୁଖରେ ସମସ୍ତ ଆରଏସ, ଆରଆଇ ଓ ଏଆରଆଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି।



**ଓଡ଼ଗାଁ:** ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଆଖତରଙ୍କ ଆହ୍ୱାନକ୍ରମେ ନୟାଗଡ଼ ଜିଲ୍ଲା ଶାଖା ସଭାପତି ଅଜିତ କୁମାର ଡାକୁଆ ଓ ସମ୍ପାଦକ ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ସୋମବାର ଓଡ଼ଗାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ କର୍ମଚାରୀମାନେ ଛଅ ଦଫା ଦାବି ନେଇ ଧାରଣା ବସିଥିବା ଦେଖିବାକୁ ମିଳିଛି। ଛଅ ଗୋଟି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ (ଆର ଏସ) ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତି ନେଇ ଆଜି ତହସିଲଦାର କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଛଅ ଦଫା ଦାବି ପୂରଣ ନେଇ ଓଡ଼ଗାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ କର୍ମଚାରୀ ବିରୁପାକ୍ଷ ବିଶ୍ୱାଳ, ଅନୀଲ ବେହେରା, ପ୍ରଶାନ୍ତ ପ୍ରଧାନ, ପ୍ରଶାନ୍ତ ନାୟକ, ବିଷ୍ଣୁପ୍ରସାଦ ମଲ୍ଲିକ, ଧୀରେନ୍ଦ୍ର ସାହୁ, ରତିରଞ୍ଜନ ପାଣିଗ୍ରାହୀ, ଅନ୍ୱେଷା ସାହୁ, ପଦ୍ମିନୀ ଦାସ, ମିନତୀ ସାହୁ, ସୁପରଭାଇଜର ବିରଞ୍ଚି ମାଝୀ, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଧାରଣାରେ ବସିଥିଲେ।



# ପଠାଣି ସାମନ୍ତ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖଣ୍ଡପଡ଼ା, ୧୯ ।୨(ସମିସ): ଖଣ୍ଡପଡ଼ା ଏନ୍‌ଏସି ଅଧୀନ ମଧୁବନ କ୍ରିଡାଙ୍ଗନରେ ପଠାଣି ସାମନ୍ତ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ଅପରାହ୍ନରେ ଖଣ୍ଡପଡ଼ା ଯୁବକ ସଂଘ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ନୟାଗଡ଼ ଫୁଟବଲ କ୍ଲବ ଏବଂ ବୋଲଗଡ଼ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ନୟାଗଡ଼ ଟିମ୍‌ର ଅବିନାଶ ମଲ୍ଲିକଙ୍କ ଆକର୍ଷଣୀୟ ଗୋଲ ଯୋଗୁଁ ଦଳ ୧-୦ରେ ବିଜୟୀ ହୋଇଥିଲା। ଖେଳକୁ ଜଗନ୍ନାଥ ପରିଡ଼ା ପରିଚାଳନା କରିଥିବା ବେଳେ ଲାଇନ୍‌ରେ ସତ୍ୟନାରାୟଣ ବେହେରା ଓ ସୁବାସ ଚନ୍ଦ୍ର ବେହେରା ଏବଂ ତପନ ସାହୁ ଚତୁର୍ଥ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ କିଆଝର ଗ୍ରାମର ଯୁବ ସମାଜସେବୀ ବିଭୁଭୂଷଣ ମହାନ୍ତି ଯୋଗଦେବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ପୂର୍ବତନ ଉପବାଚସ୍ପତି ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ ମଧୁବନ କ୍ରିଡାଙ୍ଗନରେ ଉପସ୍ଥିତ ରହିବା ସହିତ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଦ୍ୱିତୀୟ ଲିଗ୍‌ରେ ବାଇଗୁଣିଆ ଟିମ୍ ଏବଂ ଇଟାମାଟି ଟିମ୍ ମଧ୍ୟରେ ଖେଳ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।



# ରାଧାମାଧବ ମଠରେ ଭାଗବତ ପାରାୟଣ

ଭାପୁର, ୧୯ ।୨(ସମିସ) ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କଇଁଫୁଲିଆ ଗ୍ରାମର ଐତିହ୍ୟ ସମ୍ପର୍ଣ୍ଣ ରାଧାମାଧବ ମଠରେ ସପ୍ତଦିନ ବ୍ୟାପି ଭାଗବତ ପାରାୟଣ, ପ୍ରବଚନ ଓ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ମଠାଧିଶ ପ୍ରାଣକୃଷ୍ଣ ଦାସ ମହାରାଜଙ୍କ ପୌରହିତରେ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଧାର୍ମିକ କାର୍ଯ୍ୟ ରବିବାର ଠାରୁ ଆରମ୍ଭ ହୋଇଛି। ବ୍ୟାସ ଭାବେ ମହନ୍ତ ନିତ୍ୟାନନ୍ଦ ଦାଶ, ଧାରକ ପଣ୍ଡିତ ରମାକାନ୍ତ ହୋତା, ନାରାୟଣ ଷଡଙ୍ଗୀ, ମହେଶ୍ୱର ତ୍ରୀପାଠୀ, ଶିବପ୍ରସାଦ ଷଡଙ୍ଗୀ, ପ୍ରବୋଧ କୁମାର ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ଦାଶ କାର୍ଯ୍ୟ ତୁଲାଇବେ। ଆଚାର୍ଯ୍ୟ ଭାବେ ଚିନ୍ତାମଣୀ ଦାଶ, ଉପାଚାର୍ଯ୍ୟ ପ୍ରଶାନ୍ତ କୁମାର ଷଡଙ୍ଗୀ ଓ କର୍ମାଚାର୍ଯ୍ୟ ପ୍ରମୋଦ କୁମାର ତ୍ରିପାଠୀ ରହିଛନ୍ତି। ପ୍ରବଚକ ଭାବେ ପଣ୍ଡିତ ବସନ୍ତ କିଶୋର ବିଶୋଇ, ପଣ୍ଡିତ ସୁଦର୍ଶନ ତ୍ରିପାଠୀ ଓ ସନ୍ଥ ବିଜୟ ରାଘବେନ୍ଦ୍ର ଦାସ ପ୍ରବଚନ ପ୍ରଦାନ କରିବେ।

**● ମା' ରତ୍ନମାଳା କ୍ରିକେଟ କପ**

# ୨୭ ରନରେ ଜିତିଲା ଶାଳଝରିଆ



ଶରଣକୁଳ, ୧୯ ।୨(ସମିସ) ଶରଣକୁଳପଞ୍ଚିରିଡା ମାନପୁର ଲୋକ ନୋଡ଼ାଲ ବିଦ୍ୟପୀଠ ଖେଳ ପଡ଼ିଆରେ ମଧୁସୂଦନ ଯୁବକ ସଂଘ ଖଳିପାଟଣା ତରଫରୁ ଜିଲ୍ଲାସ୍ତରୀୟ ମା' ରତ୍ନମାଳା କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସର ମ୍ୟାଚ୍‌ରେ ଜୟଜଗନ୍ନାଥ କ୍ରୀକେଟ ଟିମ୍ ଶାଳଝରିଆ ଦଳ ୨୭ ରନରେ ବିଜୟ ହାସଲ କରିଛି। ସୋମବାର ମ୍ୟାଚ୍ ଜୟ ଜଗନ୍ନାଥ କ୍ରିକେଟ ଟିମ୍ ଶାଳଝରିଆ ଓ ବିସିସି ଲୋଧାଚୂଆ(ସୁନାଖଳା) ମଧ୍ୟରେ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୟ ଜଗନ୍ନାଥ କ୍ରିକେଟ ଟିମ ଶାଳଝରିଆ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ବିସିସି ଲୋଧାଚୂଆ(ସୁନାଖଳା) ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ଟି ଉଇକେଟ ହରାଇ ମାତ୍ର ୧୧୪ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଶାଳଝରିଆର ଜ୍ୟୋତି ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଶରଣକୁଳ କଲେଜର ରାଜନୀତି ବିଭାଗର ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବରାଡ଼, ପ୍ରଭାତ କୁମାର କର, ଯୁବ ସମାଜ ସେବୀ ପୂର୍ଣ୍ଣ ଚନ୍ଦ୍ର ଓତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଲୋକ ପ୍ରଧାନ ଓ ସୁବ୍ରତ କର ଖେଳ ପରିଚାଳନା କରିଥିବା ବେଳେ ନୃସିଂହ ଚରଣ ସ୍ୱାଇଁ ତୃତୀୟ ଆମ୍ପାୟାର କାର୍ଯ୍ୟ ତୁଲେଇଥିଲେ। ଅନୁଷ୍ଠାନର ସଭାପତି ଅଜିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

# ୧୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ଚାଲିଛି ରାସ୍ତା ନିର୍ମାଣ

ଓଡ଼ଗାଁ, ୧୯ ।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ରାବରା, ଭାଡିକିଳା, ସାକେରୀ ଓ କୋରପିଠା ପଞ୍ଚାୟତରେ ସୋମବାର 'ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ ଅରଣ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ନୟାଗଡ଼ ନିର୍ବାଚନମଣ୍ଡଳୀ ତଥା ଓଡ଼ଗାଁ ବ୍ଲକର ଉନ୍ନୟନ କାର୍ଯ୍ୟ ଗୁଡ଼ିକର ବିବରଣୀ ପ୍ରଦାନ କରିଥିଲେ। ତଥା ଓଡ଼ଗାଁ ବ୍ଲକର ୧୮ ଟି ପଞ୍ଚାୟତର ଗମନାଗମନ ଯୋଗାଯୋଗ କ୍ଷେତ୍ରରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ମଞ୍ଜୁର ହେବା ସହିତ ନିର୍ମାଣ କାର୍ଯ୍ୟ ଚାଲିଥିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବରକନ୍ୟା ଝରଣା ୪ କୋଟି ୪୨ ଲକ୍ଷ ଟଙ୍କା ବିନିଯୋଗରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହା ନୟାଗଡ଼ ଜିଲ୍ଲା ସହିତ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ଭୂମିକା ଗ୍ରହଣ କରିବ। ଦେବାଳୟ ଗୁଡିକର ରୂପାନ୍ତରିକରଣ ପାଇଁ ଓଡ଼ଗାଁର ଶ୍ରୀ ରଘୁନାଥଜୀଉ, ଦୂତିକେଶ୍ୱର ମହାଦେବଙ୍କ ଉନ୍ନତି ପାଇଁ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ପ୍ରତ୍ୟେକ ଗାଁର ଧାର୍ମିକ ଅନୁଷ୍ଠାନ ଗୁଡିକର ପୁନରୁଦ୍ଧାର ପାଇଁ ଗୁରୁତ୍ୱ ଦେବା ଉତ୍କଳୀୟ ପରମ୍ପରାରେ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ କରି ଶୃଙ୍ଖଳ ଓ ଶାନ୍ତିକୁ ଅବ୍ୟାହତ ରଖି ପ୍ରଗତି ଶୀର୍ଷକୁ ଛୁଇଁବା ପାଇଁ ଯେଉଁ ପ୍ରକ୍ରିୟା ନୟାଗଡ଼ ନିର୍ବାଚନମଣ୍ଡଳୀରେ ଚାଲିଛି ତାହା ଅନ୍ୟ ଜିଲ୍ଲା ପାଇଁ ଉଦାହରଣ ସୃଷ୍ଟି କରିଛି। ରାବରା ପଞ୍ଚାୟତ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଡ଼ ସାହୁଙ୍କ ଦ୍ୱାରା ଏକକ ଅଭିନୟର ସ୍ରଷ୍ଟା ନିଜ ଲିଖିତ ଆଖଜୀବନୀ ପୁସ୍ତକ ଉନ୍ମୋଚନ କରିଥିଲେ। ରାବରା ଗ୍ରାମର ଦିବ୍ୟାଙ୍ଗ ଭଗବାନ ସାମଲଙ୍କୁ ବିଧାୟକଙ୍କ ଦ୍ୱାରା ଚାରି ଚକିଆ ସ୍କୁଟି ପ୍ରଦାନ କରାଯାଇଥିଲା । ଏଥିସହିତ କେନାଲ ଛକଠାରେ କଳାନିଧିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏହା ପରେ ଭାଡିକିଳା ଠାରେ ୪୦ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ବହୁବିଧ କଲ୍ୟାଣମଣ୍ଡପ ଉଦ୍‌ଘାଟନ କରିବା ସହିତ ସାକେରୀ ଏବଂ କୋରପିଠା ପଞ୍ଚାୟତ କାର୍ଯ୍ୟକ୍ରମ ସାରି ଫେରିଥିଲେ। ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ସଂଯୋଜନା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ରାବରା ସରପଞ୍ଚ କୃଷ୍ଣଚନ୍ଦ୍ର ସେନାପତି, ସମିତି ସଭ୍ୟ, ଭାଡିକିଳା ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟ ପ୍ରଦୀପ ଭଟ, ସାକେରୀ ସରପଞ୍ଚ ପାୟଲ କୁମାରୀ ପ୍ରଧାନ, ସମିତି ସଭ୍ୟ ମମତା ପ୍ରଧାନ, କୋରପିଠା ସରପଞ୍ଚ ପବିତ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ସୁର୍ଯ୍ୟନାରାୟଣ ଚୌଧୁରୀ, ସମବାୟ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ, ସମିତି ସଭାପତି ବିଭୁପ୍ରସାଦ ସାହୁ, ସରପଞ୍ଚ ସସ୍ମିତା ପାତ୍ର, ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ, ଦୀପିକା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ THE SAKALA



# ବିଜେଡିର ପରିବାର ସମ୍ପର୍କ ଅଭିଯାନ



ବୋଲଗଡ଼, ୧୯।୨(ସମିସ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଫାସିଓଡା ପଞ୍ଚାୟତ ଟାଙ୍ଗିସାହି ଏବଂ ଦଲେଇସାହି ପଞ୍ଚାୟତର ମାଣିକାଗୋଡାର ବିଭିନ୍ନ ଗ୍ରାମରେ ସୋମବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ସାଧାରଣ ସଭାରେ ରାଜ୍ୟ ଶ୍ରମିକ କୋଠା ବାଡି ନିର୍ମାଣ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡିକୁ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅଭିଭାଷଣରେ କହିବା ସହିତ ସାଧାରଣ ନିର୍ବାଚନ ରେ ବିଜେଡି ଦଳର ସାଂସଦ ଏବଂ ବିଧାୟକ ଉଭୟ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ସମର୍ଥନ କରି ପୁନର୍ବାର ଷଷ୍ଠ ଥର ପାଇଁ ନବୀନ ସରକାରକୁ କ୍ଷମତାକୁ ଆଣିବା ପାଇଁ ନିବେଦନ କରିଥିଲେ। ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ କୈଳାସ ପାତ୍ର, ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଯୁବ ସମାଜସେବୀ ବ୍ରଜ ବନ୍ଧୁ ସୁବୁଦ୍ଧି, ବିଜେଡି ପର୍ଯ୍ୟବେକ୍ଷକ ଶୁଭାଂଶୁ ମିଶ୍ର ଓ ରଘୁନାଥ ଲେଙ୍କା, ଜିଲ୍ଲାପରିଷଦ ସଭ୍ୟା ସୁନନ୍ଦିତା ସାହୁଙ୍କ ସମେତ ସ୍ଥାନୀୟ ବିଜେଡି ନେତାମାନେ ଉପସ୍ଥିତ ଥିଲେ।

# ଆଜିଠାରୁ ମାଟ୍ରିକ ପରୀକ୍ଷା
# ୧୩୪ କେନ୍ଦ୍ରରେ ପରୀକ୍ଷା ଦେବେ ୨୮ ହଜାର ପରୀକ୍ଷାର୍ଥୀ

ଖୋର୍ଦ୍ଧା, ୧୯।୨(ସମିସ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାର ଠାରୁ ଅର୍ଥାତ ଆଜି ଠାରୁ ଆରମ୍ଭ ହେବ। ସକାଳ ୯ଟାରୁ ପୂର୍ବାହ୍ନ ସାଢେ ୧୧ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପ୍ରତି ବିଷୟରେ ପରୀକ୍ଷା ଦେବେ। କେବଳ ଗଣିତ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅଧିକ ୧୫ମିନିଟ ସମୟ ମିଳିବ ବୋଲି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟସୂଚୀ ଅନୁସାରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ଦିନ ପ୍ରଥମ ଭାଷା ସାହିତ୍ୟ ବିଷୟରେ ପରୀକ୍ଷା ଦେବେ। ସେହିଭଳି ୨୩ରେ ଦ୍ୱିତୀୟ ଭାଷା ଇଂରାଜୀ, ୨୬ରେ ଗଣିତ, ୨୮ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ, ୦୨ରେ ସାଧାରଣ ବିଜ୍ଞାନ, ୦୪ରେ ସାମାଜିକ ବିଜ୍ଞାନ, ୨୦ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ।

ପ୍ରଶ୍ନପତ୍ର ଜିଲ୍ଲାବ୍ୟାପି ୧୨ନୋଡାଲ ସେଣ୍ଟରେ ପହଞ୍ଚି ସାରିଛି। ଭୁବନେଶ୍ୱର କମିଶନରେଟ ପୁଲିସ ଅଧିନରେ ୬ ଏବଂ ଖୋର୍ଦ୍ଧା ଜିଲ୍ଲା ପୁଲିସ ଅଧିନରେ ୬ଟି ନୋଡାଲ ସେଣ୍ଟର ରହିଛି। କପି ରୋକିବାକୁ ମାଧ୍ୟମିକ ଶିକ୍ଷା ପରିଷଦର ସ୍କ୍ୱାଡ, ଜିଲ୍ଲା ଶିକ୍ଷାବିଭାଗ ତରଫରୁ ସ୍କ୍ୱାଡ ଗଠନ କରାଯାଇଥିବେଳେ ପ୍ରତି ବ୍ଲକ ଓ ସହରାଞ୍ଚଳରେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ୫୦ଅଧିକାରୀଙ୍କୁ ସମସ୍ତ କେନ୍ଦ୍ର ବୁଲି ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଏ ନେଇ ଜିଲ୍ଲାପାଳ ଶ୍ରୀ ରାଣା ସମ୍ପୃକ୍ତ ଅଧିକାରୀମାନଙ୍କ ସହ ରବିବାର ବୈଠକ କରି ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ସୂଚନା ଦେଇଛନ୍ତି।

## କପି ରୋକିବାକୁ କେନ୍ଦ୍ରରେ ବୁଲିବେ ତ୍ରିସ୍ତରୀୟ ସ୍କ୍ୱାଡ୍,

## ସବୁ କେନ୍ଦ୍ର ବୁଲି ତଦାରଖ କରିବେ ପ୍ରଶାସନର ୫୦ ଅଧିକାରୀ

ଚଳିତ ବର୍ଷ ଜିଲ୍ଲାବ୍ୟାପି ୩୩୬ ଉଚ୍ଚ ବିଦ୍ୟାଳୟର ୨୮ହଜାର ୨୦୯ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ନିମନ୍ତେ ୧୩୪ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ତେବେ ୧୯ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରକୁ ଚିହ୍ନଟ କରାଯାଇଛି। ମୋଟ ପରୀକ୍ଷା କେନ୍ଦ୍ର ମଧ୍ୟରୁ ଭୁବନେଶ୍ୱର କମିଶନରେଟ ପୁଲିସ ଅଧିନରେ ୬୨ ଏବଂ ଖୋର୍ଦ୍ଧା ଜିଲ୍ଲା ପୁଲିସ ଅଧିନରେ ୭୨ଟି ପରୀକ୍ଷା କେନ୍ଦ୍ର ରହିଛି। ସେହିପରି ରାଜ୍ୟମୁକ୍ତ ବିଦ୍ୟାଳୟର ୨୪୦ଜଣ ପରୀକ୍ଷାର୍ଥୀଙ୍କ ଲାଗି ଗୋଟିଏ ସେଣ୍ଟର କରାଯାଇଛି।ଏହି ପରୀକ୍ଷା ୨୧ତାରିଖରୁ ଆରମ୍ଭ ହୋଇ ୪ତାରିଖରେ ସରିବ ବୋଲି ଜିଲ୍ଲାଶିକ୍ଷାଅଧିକାରୀ ଶ୍ରୀ ତରାଇ ସୂଚନା ଦେଇଛନ୍ତି।

ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ତରାଇଙ୍କ ଅଧ୍ୟକ୍ଷତାରେ ମାଟ୍ରିକ ପରୀକ୍ଷାର ସୁପରିଚାଳନା ନିମନ୍ତେ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଓ ଅବଜରଭରମାନଙ୍କୁ ନେଇ ସ୍ୱତନ୍ତ୍ର ବୈଠକ ହୋଇଥିଲା। ଉକ୍ତ ବୈଠକରେ ପରୀକ୍ଷା ହଲକୁ ପରୀକ୍ଷାର୍ଥୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମୋବାଇଲ ନେବାକୁ ବାରଣ କରାଯାଇଛି ବୋଲି ଶ୍ରୀ ତରାଇ ସୂଚନା ଦେଇଛନ୍ତି। ପୁଲିସର ସୁରକ୍ଷା ବଳୟ ଭିତରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ ବୋଲି କହିଥିବା ବେଳେ ଯେଉଁଦିନ ଯେଉଁ ପରୀକ୍ଷା ସେହିଦିନ ସେହି ପ୍ରଶ୍ନପତ୍ର ସକାଳୁ ନୋଡାଲ ସେଣ୍ଟରରୁ ଯିବ ବୋଲି କହିଛନ୍ତି।ସକାଳ ୮ଟାରେ ପରୀକ୍ଷା କେନ୍ଦ୍ର ଗେଟ ଖୋଲିବ ଏବଂ ସାଢେ ୮ଭିତରେ ଗେଟରେ ଚେକିଂ କରାଯାଇ ପରିକ୍ଷାର୍ଥୀଙ୍କୁ କେନ୍ଦ୍ରକୁ ଛଡାଯିବ ବୋଲି କହିଥିଲେ। ସେହିପରି ମାଟ୍ରିକ ପରୀକ୍ଷା ନିମନ୍ତେ ଜିଲ୍ଲା ପୁଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା କେନ୍ଦ୍ରରେ କିପରି କୌଣସି ବିଶୃଙ୍ଖଳା ନହୁଏ ସେଥିପ୍ରତି ସଜାଗ ରହିବା ଏବଂ କେନ୍ଦ୍ର ନିକଟରେ ବୁଲିବାକୁ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ଏସପି ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ମା' ଉତ୍ତରାୟଣୀ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ବଉଳାବନ୍ଧ ଚାମ୍ପିଅନ

ବାଲୁଗାଁ, ୧୯।୨( ସମିସ) : ବାଲୁଗାଁ ଏନ୍ଏସି ଅଧିନସ୍ଥ ୧୧ ନମ୍ବର ୱାର୍ଡ ସରଳାପଦର ଗ୍ରାମ ଖେଳ ପଡ଼ିଆ ରେ ମା' ଉତରାୟଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଫ୍ଲଡ ଲାଇଟ ଦିବା ରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଛୋଟରାୟପୁର କ୍ଲବ ଓ ବଉଳାବନ୍ଧ କ୍ଲବ ମଧ୍ୟରେ ହୋଇଥିଲା। ୬ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ବଉଳାବନ୍ଧ କ୍ଲବ ଟସ୍ ଜିଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭର ରେ ୫ ଉଇକେଟ ହରାଇ ୭୨ ରନ ସଂଗ୍ରହ କରିଥିଲେ।

ଜବାବରେ ପ୍ରତିପକ୍ଷ ଛୋଟରାୟପୁର କ୍ଲବ ୬ ଉଇକେଟ ହରାଇ ମାତ୍ର ୫୮ ରନ ସଂଗ୍ରହ କରିବାରେ ସକ୍ଷମ ହୋଇ ପାରିଥିଲେ। ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ



ମହାରଣା, ସାଂସଦ ପ୍ରତିନିଧି ତଥା ବାଣପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଓ ବାଲୁଗାଁ ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ସନ୍ତୋଷ ପାଇକରାୟ ଯୋଗ ଦେଇ ଚାମ୍ପିଅନ ଟିମ୍ ବଉଳାବନ୍ଧ କ୍ଲବକୁ ଟ୍ରଫି ସହ ନଗଦ ୧୩ ହଜାର ଟଙ୍କା ଏବଂ ରନର୍ସଅପ୍ ଟିମକୁ ଟ୍ରଫି ସହ ନଗଦ ୯ ହଜାର ଟଙ୍କା ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଶଙ୍କର ନାୟକ, ଅଭିଷେକ ପଟ୍ଟନାୟକ, ଦୀପକ ଜେନା ଏବଂ ଅରବିନ୍ଦ ସ୍ୱାଇଁ ପରିଚାଳନା କରିଥିଲେ। ଆୟୋଜକ ଉତରାୟଣୀ କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ବାଣପୁର, ୧୯।୨(ସମିସ): ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ସୋମବାର ବାଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମିଳିତ



ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଣପୁର ବ୍ଲକ ଅଧୀନସ୍ଥ ମୋଟ ୧୭ଟି ପଞ୍ଚାୟତ ଓ ଏନ୍ଏସିରୁ ସମୁଦାୟ ୧୮୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୭୮ ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ସମସ୍ୟା ସମ୍ପର୍କିତ ଥିବା ବେଳେ ତନ୍ମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରିଥିଲେ। ଜଣେ ହିତାଧିକାରୀଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆ ଦିଆଯିବା ସହଅନ୍ୟ ସମସ୍ତ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ପଠାଇ ଦିଆଯାଇଛି। ଶିବିରରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡଃ ବାଦଲ ମହାନ୍ତି, ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଡ଼ିଓ ଶୀତଲ ଅଗ୍ରୱାଲ, ତହସିଲଦାର ଟି. ପଦ୍ମନାଭ ଦୋରା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା ପ୍ରମୁଖଙ୍କ ସମେତ ସମସ୍ତ ନିର୍ବାଚିତ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ, ୧୯।୨(ସମିସ): ବାଣପୁର ଥାନା ଅଞ୍ଚଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇ ଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବାରୁ ମୃତ ଶରୀରକୁ ବର୍ତମାନ ବାଣପୁର ସରକାରୀ ଡାକ୍ତରଖାନାରେ ରଖାଯାଇଛି।

ସୂଚନା ମୁତାବକ ବାଣପୁର ଥାନା ଭେଷରୀ ଗ୍ରାମରେ ଜଣେ ବ୍ୟକ୍ତି ଉଲଗ୍ନ ଅବସ୍ଥାରେ ମରିଯିବି ମରିଯିବି ବୋଲି ଚିତ୍କାର କରି ବୁଲୁଥିବା ନେଇ କିଛି ସ୍ଥାନୀୟ ଲୋକେ ଦେଖି ବାଣପୁରର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବାଣପୁର ପୁଲିସ ଘଟଣା ସ୍ଥଳରେ ପହଁଞ୍ଚିଠ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ଚିକିତ୍ସା ନିମନ୍ତେ ଉକ୍ତ ବ୍ୟକ୍ତିଙ୍କୁ ନେଇ ବାଣପୁର ଡାକ୍ତରଖାନାରେ ଭର୍ତି କରାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତ ବ୍ୟକ୍ତି ଜଣଙ୍କର ପରିଚୟ ମିଳି ପାରି ନ ଥିବା ବେଳେ ସେ ଓଡ଼ିଆ ଭାଷାରେ କଥା କହୁଥିବା ସହ ନିଜ ଘର ବାଲେଶ୍ୱରରେ ବୋଲି କହିଥିବା ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ସୂଚନା ଦେଇଛନ୍ତି।

● ପ୍ରଶାସନ-ଅନଶନକାରୀଙ୍କ ଆଲୋଚନା

# ପ୍ରତିଶ୍ରୁତି ପରେ ଅନଶନ ଭାଙ୍ଗିଲା

ନିରାକାରପୁର, ୧୯ ।୨(ସମିସ):ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତର ବିଭିନ୍ନ ସମସ୍ୟାର ଦାବି ପୂରଣ ପାଇଁ ୧୫ ତାରିଖ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳର ଲୋକ ପ୍ରତିନିଧି ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ନେଇ ଆମରଣ ଅନଶନ ଜାରି ରହିଥିଲା। ସୋମବାର ସକାଳୁ ପ୍ରଶାସନ ଆଲୋଚନା କରିବାକୁ ଆସିବାକୁ କହି ସନ୍ଧ୍ୟା ପର୍ଯ୍ୟନ୍ତ ନଆସିବାରୁ ଅନଶନକାରୀ କିଛି ସମୟ ପାଇଁ ନୂଆ ଜଗନ୍ନାଥ ସଡ଼କକୁ କଲେଜ ଛକ ନିକଟରେ ଟାୟାର ଜାଳି ଅବରୋଧ କରିଥିଲେ। ପହଞ୍ଚି ବୁଝାସୁଝା କରିଥିଲେ। ସେମାନଙ୍କ ଦ୍ୱାରା ଯେତିକି ଦାବି ପୂରଣ ହୋଇ ପାରିବ ସେ ସେତିକି ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଓ ଅତିରିକ୍ତ ଜିଲ୍ଲା ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ କହିଥିଲେ ଏକ ୫ ଜଣିଆ ପ୍ରତିନିଧିମଣ୍ଡଳୀ ଆସନ୍ତାକାଲି(ମଙ୍ଗଳବାର) ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସହିତ ଆଲୋଚନା କରି ବାକି ଦାବି ଗୁଡ଼ିକ ପୂରଣ ପାଇଁ ଚେଷ୍ଟା କରାଯିବ ବୋଲି ଜଣାଇବା ପରେ ଅନଶନ ଭାଙ୍ଗିଲା ଥିଲା। ରାତି ୧୦ ଟା ୧୭ ମିନିଟରେ ଅନଶନ ଭାଙ୍ଗିଥିଲା। ପ୍ରକାଶ ଥାଉ କି ୨୦୦ ବର୍ଷ ଧରି ବସବାସ କରୁଥିବା ନରେନ୍ଦ୍ରପୁର ସାହି କୁ



ପରେ ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆ ଅନଶନକାରୀଙ୍କ ସହିତ କଥା ହେବା ପରେ ଅବରୋଧ ହଟିଥିଲା। ପରେ ଘଟଣାସ୍ଥଳକୁ ଟାଙ୍ଗୀ ବିଡିଓ ରେସ୍ମା ଟେଟେ, ତହସିଲଦାର ମିତାଳି ପାତ୍ର, ଅତିରିକ୍ତ ଜିଲ୍ଲା ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଆଇଆଇସି ବିଶ୍ୱଜିତ୍ ରାଉତରାୟ, ବ୍ଲକ ନିର୍ବାହୀଯନ୍ତ୍ରୀ ପ୍ରମୁଖ ରାଜସ୍ୱ ଗ୍ରାମର ମାନ୍ୟତା, ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ସହ ୨୪ ଦଫା ଦାବି ରହିଥିଲା। ଆଜିର ଆଲୋଚନାରେ ବରିଷ୍ଠ ନେତା ବିପିନ କୁମାର ଜୟସିଂହ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ସମିତି ସଭ୍ୟାଙ୍କ ପ୍ରତିନିଧି ତଥା ଅନଶନକାରୀ ଶୁଭମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ମାଙ୍କଡ଼ା ପଥର ଖଣି ପରିଦର୍ଶନ କଲେ ଉଚ୍ଚସ୍ତରୀୟ କମିଟି

ଟାଙ୍ଗୀ, ୧୯।୨(ସମିସ): ଟାଙ୍ଗୀ ତହସିଲ ଅଧିନସ୍ଥ ରାମଚନ୍ଦ୍ରପୁର ପଞ୍ଚାୟତ ବରିକୋ ମୌଜାରେ ଥିବା ବେଆଇନ ମଙ୍କଡାପଥର ଖଣିର କ୍ଷେତ୍ର ପରିଦର୍ଶନ କରିଛନ୍ତି ସୋମବାର ପୂର୍ବାହ୍ନରେ ଏକ ଉଚ୍ଚସ୍ତରୀୟକ୍ଷମତା ସମ୍ପର୍ଣ୍ଣ କମିଟି। ଟାଙ୍ଗୀ ତହସିଲ ତରଫରୁ ଏଠାରେ ଥିବା ସରକାରୀ ମାଙ୍କଡାପଥର ଖଣିକୁ ବିଧିବଦ୍ଧ ଭାବେ ବଡପାରାର ଗିରିଧାରୀ ଦାସଙ୍କୁ ନିଲାମ ଦିଆଯାଇଥଲା। ନିଲାମ ସମୟରେ ସରକାରୀ ନିୟମାନୁସାରେ ସମସ୍ତ ନୀତି ନିୟମକୁ ପାଳନ କରିବା ପାଇଁ ତାଙ୍କଠାରୁ ମୁଚାଲିକା ନିଆଯାଇଥିଲା। ଏହି ଖଣି ଖନନ କରିବାକୁ ସେ ବିଭାଗୀୟ ମଞ୍ଜୁରୀ ଓ ପରିବେଶ ଅନୁମତି ଇତ୍ୟାଦି ପ୍ରଦାନ କରାଯାଇଥିଲା।

ତେବେ ସେ ନିୟମ କାନୁନକୁ ଉଲ୍ଲଙ୍ଘନ କରି ପ୍ରଦତ୍ତ ଜମି ବ୍ୟତୀତ ଅନ୍ୟ ଜମିରେ ପଥର ଖନନ କରିବା ଓ ସରକାରୀ ନିର୍ଦ୍ଧାରିତ ୬ ମିଟର ପରିବର୍ତ୍ତେ ପ୍ରାୟ ୧୦ ମିଟର ଗଭୀର ପର୍ଯ୍ୟନ୍ତ ଖନନ ସମ୍ପର୍କରେ ରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ମଧୁସୂଦନ ପଲାଇ ଓ ତାଙ୍କର ସହଯୋଗୀମାନେ ଜାତୀୟ ସବୁଜ ପ୍ରାଧିକରଣ ପୂର୍ବାଞ୍ଚଳ ଜୋନ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଗତ ଜାନୁୟାରୀ ୨୨ ତାରିଖରେ ଜାତୀୟ ସବୁଜ ପ୍ରାଧିକରଣଙ୍କ ତରଫରୁ ବିଚାରପତି ବି.ଅମିତ ଷ୍ଟଲେକର ଓ ବିଶେଷଜ୍ଞ ଡ. ଅରୁଣ କୁମାର ବର୍ମା ଏକ ଉଚ୍ଚସ୍ତରୀୟ କମିଟି ଘଟଣା ସ୍ଥଳ ପରିଦର୍ଶନ କରି ୪ସପ୍ତାହ ମଧ୍ୟରେ ସେମାନଙ୍କ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୫ ତାରିଖରେ ଚୁଡାନ୍ତ ବିଚାର କରିବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ସୋମବାର ଦିନ ଏହି ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ କମିଟି ବରିକୋ ମୌଜାର ଖଣି ଖନନ ଅଞ୍ଚଳର କ୍ଷେତ୍ର ପରିଦର୍ଶନ କରି ଅଭିଯୋଗର ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ କମିଟି ସଦସ୍ୟ ଭାବେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ସୋହନ ଗିରି, ଜିଲ୍ଲାପାଳ ଚଞ୍ଚଳ ରାଣା, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ, ଭୁବନେଶ୍ୱର ଖଣି ଓ ଭୂତତ୍ୱ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀଙ୍କ ସହିତ ଖୋର୍ଦ୍ଧାର ଡେପୁଟି ଡାଇରେକ୍ଟର ଜଗନ ବେହେରାଙ୍କ ସମେତ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ ଓ ଅନ୍ୟାନ୍ୟ ଅଧିକାରୀ ଖଣି ଅଞ୍ଚଳରେ ଉପସ୍ଥିତ ରହି ସମସ୍ତ କ୍ଷେତ୍ରକୁ ତନତନ କରି ବୁଲି ଦେଖିଥିବା ଦେଖାଯାଇଥିଲା।

# ପଥର ବୋଝେଇ ଟ୍ରାକ୍ଟର ଜବତ

ନିରାକାରପୁର, ୧୯।୨(ସମିସ): ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଚଣ୍ଡୀ ମନ୍ଦିର ନିକଟରୁ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟରକୁ ପୁଲିସ ଜବତ କରିଛି। ସୂଚନାଯୋଗ୍ୟ କି ଆଜି ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ରଣପୁର ଥାନା ମୟୁରଝଲିଆଆଡୁ ଏକ ପଥର ବୋଝେଇ ଟ୍ରାକ୍ଟର ଆସୁଥିବା ଖବର ପାଇ ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭରା କର ନିର୍ଦ୍ଦେଶରେ ସିକୋ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା ଏହାକୁ ଅଟକାଇଥିଲେ। କାଗଜପତ୍ର ଯାଞ୍ଚ କରିବାରେ ପଥର ନେବା ପାଇଁ ଉଦ୍ଦିଷ୍ଟ କାଗଜ ନ ଥିବାରୁ ଗାଡ଼ିକୁ ଜବତ୍ କରିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। ଜଙ୍କିଆ ଥାନା କେସ ନଂ ୭୯/୨୪ ରେ ମାମଲା ରୁଜୁ ହୋଇଛି।

# ଟ୍ରେନ୍‌ରୁ ଖସି ଯାତ୍ରୀଙ୍କ ମୃତ୍ୟୁ

ବାଲୁଗାଁ, ୧୯।୨(ସମିସ): ବାଲୁଗାଁ ରେଳଷ୍ଟେସନର ୧ନମ୍ବର ପ୍ଲାଟଫର୍ମରେ ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ମନ୍ଦାରବସ୍ତ ନିକଟ ଅରାଙ୍ଗ ଗ୍ରାମର ପ୍ରଶାନ୍ତ କୁମାର ବେହେରା (୬୩) ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ସକାଳ ସାଢେ ନଅ ଘଟିକା ସମୟରେ ଟ୍ରେନ ଟି ପ୍ଲାଟଫର୍ମ ରେ ଛିଡା ହୋଇ ଥିଲା। ସେହି ସମୟରେ ପ୍ରଶାନ୍ତ ପାଣି ନେବା ପାଇଁ ଟ୍ରେନ୍‌ରୁ ଓହ୍ଲାଉ ଥିବା ବେଳେ ଟ୍ରେନ୍ ଛାଡି ଦେଇଥିଲା। ପ୍ରଶାନ୍ତ ଦୌଡ଼ି ଯାଇ ଟ୍ରେନରେ ଚଢୁଥିବା ବେଳେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସି ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଉକ୍ତ ସମୟରେ ସେଠାରେ କର୍ତ୍ତବ୍ୟରତ ଆରପିଏଫ କର୍ମଚାରୀ ଶିବ ପ୍ରସାଦ ଦାସ ଆହତ ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରଶାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ କୁ ସ୍ଥାନାନ୍ତର କରା ଯାଇଥିଲା।ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସାର୍ଟ ପକେଟରୁ ମିଳିଥିବା ଆଧାର କାର୍ଡ ଏବଂ ଫୋନ ନମ୍ବର ସଂଗ୍ରହ କରି ତାଙ୍କ ପରିବାର ଲୋକଙ୍କୁ ଏନେଇ ସୂଚନା ଦିଆ ଯାଇଥିବା ରେଳବାଇ ପୁଲିସ କହିଛି।

# ସଂକୀର୍ତ୍ତନ କଳାକାରଙ୍କ ଚିହ୍ନଟ ଓ ଆବେଦନ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବିକଲା ସଂଘ

## ଜିଲ୍ଲା ସଂସ୍କୃତି ଅଧିକାରୀ ଓ ବିଡିଓଙ୍କ ସହ ଆଲୋଚନା

ଖୋର୍ଦ୍ଧା, ୧୯।୨(ସମିସ): କଳାକାର ପଞ୍ଜିକରଣ ଅନଲାଇନ ଓ ସର୍ବନିମ୍ନ ବାର୍ଷିକ ଆୟ ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ବିଭାଗୀୟ ଅଧିକାରୀଙ୍କ ଆଲୋଚନା ପରେ ସରକାର ଘୋଷଣା କରିଥିଲେ। ସଂକୀର୍ତ୍ତନ କଳାକାରଙ୍କୁ ସରକାର କଳାକାର ମାନ୍ୟତା ପ୍ରଦାନ ସହ ପରିଚୟ ପତ୍ର ପ୍ରଦାନ ଏବଂ ଅନ୍ୟାନ୍ୟ ଦାବୀ ନେଇ ସଭାପତି ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର କର୍ମକର୍ତ୍ତା ସଂକୀର୍ତ୍ତନ କଳାକାରମାନଙ୍କୁ ବିଭିନ୍ନ ବ୍ଲକରେ କଳାକାର ମାନ୍ୟତା ପ୍ରଦାନ ଓ ପଞ୍ଜିକରଣରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଆଜି ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓ ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧି ତନୟା ସାହୁଙ୍କ ସହିତ ଆଲୋଚନା କରିଛନ୍ତି। ତେବେ କିଛି ବ୍ଲକରେ ବ୍ଲକ କଳା ସଂସ୍କୃତି ସଂଘ (ବିକେଏସଏସ) ର ଯେଉଁ ଅଧିକୃତ କର୍ମକର୍ତ୍ତାମାନେ ଅଛନ୍ତି ସେମାନେ ଫର୍ମ ଚିରିଦେବା ସହିତ ପଞ୍ଜୀକରଣ କରାଇବାରେ ହଇରାଣ ହରକତ କରୁଛନ୍ତି। ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଓଡ଼ିଶାର ଲକ୍ଷ ଲକ୍ଷ ସଂକୀର୍ତନ କଳାକାର ନିଜର ସବୁ ଅଭାବ ଅସୁବିଧା ଭୁଲି ବିଭିନ୍ନ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ପରିବେଷଣ କରି ଆସୁଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ସରକାର ସେମାନଙ୍କୁ କଳାକାର ମାନ୍ୟତା ପ୍ରଦାନ କରି ନାହାନ୍ତି କି କୌଣସି ସରକାରୀ ଅନୁଦାନ ପ୍ରଦାନ କରି ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଇତି ମଧ୍ୟରେ ସରକାର ଆଉ ୩୦ ହଜାର କଳାକାରଙ୍କୁ ଭତ୍ତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଯଦି ସଂକୀର୍ତ୍ତନ କଳାକାର ଏହି ତାଲିକା ଅନ୍ତର୍ଭୁକ୍ତ ନହୁଅନ୍ତି ତେବେ ସେମାନେ ଏହି ଯୋଜନାର ସୁଫଳ ପାଇ ପାରିବେ ନାହିଁ ବୋଲି ସଂଘ ଅଭିଯୋଗ କରିଛି।

# ଚୋରି ଘୁଷୁରୀ ଉଦ୍ଧାର ପାଇଁ ମାଲିକଙ୍କ ଗୁହାରି

ନିରାକାରପୁର, ୧୯ ।୨(ସମିସ): ୭୭ଟି ଘୁଷୁରୀ ଚୋରି ହେବା ପରେ ଘୁଷୁରୀପାଳକ ଗୋପାଳ ରାଉଳ ଓ ତାର ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। ଜଙ୍କିଆ ଥାନା ଅଚ୍ୟୁତପୁର ପଞ୍ଚାୟତ ଗୋବିନ୍ଦ ପ୍ରସାଦ ଗ୍ରାମର ଗୋପାଳ ରାଉଳ (୬୫) ଦୀର୍ଘ ୧୦ ବର୍ଷ ହେବ ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ନିକଟ ମୃତ୍ୟୁଞ୍ଜୟ ଢ଼ାବା ପଛ ପାଖରେ ରହି ଘୁଷୁରୀ ପାଳନ କରି ଚଳୁଥିଲେ। ଶନିବାର ରାତିରେ ଗୋପାଳ ଶୋଇ ପଡ଼ିବା ପରେ କେହି ଦୁର୍ବୃତ୍ତ ତାଙ୍କର ୭୭ଟି ଘୁଷୁରୀ ଚୋରି କରି ନେଇଥିବା ସକାଳୁ ଦେଖିବାକୁ ପାଇଲା। ରତାମାଟି ମୁଣ୍ଡିଆ ନିକଟରୁ ପୁଲିସ ଓ ଗୋପାଳ ଘରଲୋକେ ଖବର ପାଇ ୧୫ଟି ଘୁଷୁରୀ ଉଦ୍ଧାର କରାଯାଇଛି। ଗୋଡ଼ିପଡ଼ା ଟୋଲଗେଟ ସିସି କ୍ୟାମେରା ଯାଞ୍ଚ କରିବାରୁ ଏକ ପିକଅପ୍‌ରେ ଘୁଷୁରୀ ନିଆଯାଇଥିବା ଜଣାପଡ଼ିଛି। ଉକ୍ତ ଗାଡ଼ିର ନମ୍ବରରୁ ଘୁଷୁରୀ ଉଦ୍ଧାର ପାଇ ପୁଲିସ ଉଦ୍ୟମ ଜାରି ରଖିଛି। ପୁଲିସ ତୁରନ୍ତ ପଦକ୍ଷେପ ନେଇ ଘୁଷୁରୀଙ୍କୁ ଉଦ୍ଧାର କରିବାକୁ ଗୋପାଳ ପରିବାର ନେହୁରା ହୋଇଛନ୍ତି।

## ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

# ମୁଖପତ୍ର 'ସାଧବାଣୀ' ଉନ୍ମୋଚିତ

ଖୋର୍ଦ୍ଧା, ୧୯।୨(ସମିସ)

ବିଶିଷ୍ଟ କଳାକାର ସଙ୍ଗୀତଜ୍ଞ ତଥା ଅପେରା ଗୁରୁ ଚିଲିକା ବଉଳାବନ୍ଧ ନିବାସୀ ତ୍ରିନାଥ ଚରଣ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ତ୍ରୟୋଦଶ ବାର୍ଷିକ ଉତ୍ସବ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜେଲ ରୋଡ୍ ସ୍ଥିତ ଶ୍ୟାମ ମାଧବ ବାସନ୍ତୀ ପାଠାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବଉଳାବନ୍ଧର ସମାଜସେବୀ ଡାକ୍ତର ମଧୁସୂଦନ ସେନାପତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ମୁଖ୍ୟବକ୍ତା ରୂପେ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି



ଏବଂ ସମ୍ମାନିତ ଅତିଥି ରୂପେ ଖ୍ୟାତନାମା ପ୍ରବଚକ ଡ. ମୃତ୍ୟୁଞ୍ଜୟ ରଥ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଦୟାନିଧି ସାହୁ, ଡାକ୍ତର ଦେବବ୍ରତ ସାହୁ, ଯୋଗଗୁରୁ ସୀତାକାନ୍ତ ପଣ୍ଡା, ସଙ୍ଗୀତଜ୍ଞ ରଙ୍ଗନାଥ ସେଠୀ, ବ୍ରହ୍ମପୁରର କଣ୍ଠଶିଳ୍ପୀ ବନ୍ଦନା ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଶିବସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରୁ କଳାକାର ଜୀବନ ଆରମ୍ଭ କରିଥିବା ତ୍ରିନାଥ ଚରଣଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସମ୍ପାଦିକା ଇତିଶ୍ରୀ ସାହୁ ଅତିଥି ପରିଚୟ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ମୁଖପତ୍ର 'ସାଧବାଣୀ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଦିବ୍ୟଲୋଚନ ଭାରିମଲ୍ଲ, ଡକ୍ଟର ଶରତ କୁମାର ଚଉଁରୀ, ଜୟକୃଷ୍ଣ ବେହେରା, କଣ୍ଠଶିଳ୍ପୀ ମାଳବିକା ଦାସ, ରାମଚନ୍ଦ୍ର ଦାସ, ଶ୍ରୀକାନ୍ତ କୁମାର ନାୟକ, ବିମଳା ସିଂହ, ରଶ୍ମିତା ନାୟକ, ରାଜ କିଶୋର କେଇ, କାହ୍ନୁ ଚରଣ ମିଶ୍ର, ନୃସିଂହ ପ୍ରସାଦ ନାୟକ, ନିଳାଦ୍ରିନାଥ ଜଗଦ୍ଦେବଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ପ୍ରଥମ ପର୍ଯ୍ୟାୟରେ ନୃତ୍ୟ ସଙ୍ଗୀତ ଆସର ହୋଇଥିଲା। କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ଦାସ, ମାଳବିକା ଦାସ, ଶୁଭଦର୍ଶିନୀ ସ୍ୱାଇଁ, ପ୍ରସାଦ ସାହୁ, ସୁକାନ୍ତି ସାହୁ, ରାଜାରାମ ବେହେରା ପ୍ରମୁଖ ନିଜ ନିଜ ଦଳ ଦ୍ୱାରା ପରିବେଷଣ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ ମାଧବ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ୨୭ଜଣ କବି କବୟିତ୍ରୀ କବିତା ପାଠ କରିଥିଲେ। ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଆଡ଼ଭୋକେଟ ବ୍ରଜକିଶୋର ସାହୁ, ଜ୍ୟୋତିରଞ୍ଜନ ସାହୁ ଓ ଦିଲୀପ କୁମାର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଶିବାଜୀ ଜୟନ୍ତୀ

ଖୋର୍ଦ୍ଧା, ୧୯।୨(ସମିସ): ଶିବାଜୀ ଜୟନ୍ତୀ ଅବସରରେ ଖୋର୍ଦ୍ଧାରେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ପଲ୍ଲାହାଟ ଶିଶୁ ମନ୍ଦିରରେ ପାଳନ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଶିଷ୍ଟ ଅଧିବକ୍ତା ସୁରେଶ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧିବକ୍ତା ପ୍ରଭାତ କୁମାର ଦାଶ ଏବଂ ମୁଖ୍ୟବକ୍ତା ରୂପେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘଚାଳକ ନିରଞ୍ଜନ ସାହୁ ଯୋଗ ଦେଇଥିଲେ। ପ୍ରଭାତ ଦାଶ ଯୁବକମାନଙ୍କୁ ସତ୍ୟନିଷ୍ଠ, ଧର୍ମନିଷ୍ଠ, ଦେଶଭକ୍ତ ହେବାପାଇଁ ଆହ୍ୱାନ କରିଥିଲେ। ଅଧିବକ୍ତା ଶ୍ରୀ ପଣ୍ଡା ଯୁବକମାନଙ୍କୁ ଗୋ-ଗଙ୍ଗା-ଗାୟତ୍ରୀର ସୁରକ୍ଷା କରିବା ନିମିତ ଆହ୍ୱାନ କରିଥିଲା।ମୁଖ୍ୟବକ୍ତା ଶ୍ରୀ ସାହୁ ଶିବାଜୀଙ୍କ ଜୀବନ ଚରିତ ବର୍ଣ୍ଣନା କରିଥଲେ।ଶେଷରେ ମଞ୍ଚର ଖୋର୍ଦ୍ଧା ସଂଯୋଜକ ଆଶିଷ ବିଦ୍ୟୁରେନ୍ଦ୍ର ଛୋଟରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଗାମୀ ଦିନରେ ହିନ୍ଦୁ ଜାଗରଣ ମଞ୍ଚଖୋର୍ଦ୍ଧାରେ କିଭଳି ରକ୍ତର ଅଭାବ ନରହିବ ସେଥିପାଇଁ 'ରକ୍ତଦାତା ଜୀବନଦାତା' କାର୍ଯ୍ୟକ୍ରମ ହାତକୁ ନେବ ବୋଲି ବୈଠକରେ ଘୋଷଣା କରାଯାଇଥିଲା।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୦୫ ● ପାଉଣ୍ଡ ୧୦୪.୩୪
- ୟୁରୋ ୮୯.୮୬ ● ୟେନ୍ ୦.୫୫

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୪୫୦ (ନୂଆଦିଲ୍ଲୀ)
- ରୁପା : ୭୬,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୭୦୮.୦୦
- ନିଫ୍ଟି ୨୨,୧୨୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

# ଆକ୍ସିସ୍ ବ୍ୟାଙ୍କ ସହ ମିଶି ପେଟିଏମ୍ ଦେବ ୟୁପିଆଇ ସେବା

## ଟିପିଏପି ହେବା ପାଇଁ ଏନ୍‌ପିସିଆଇରେ କରିବ ଆବେଦନ

ନୂଆଦିଲ୍ଲୀ,୧୯।୨(ଏଜେନ୍ସି)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଛନ୍ଦି ହୋଇପଡିଥିବା ପେଟିଏମ୍‌ର ସହଯୋଗୀ ସଂସ୍ଥା ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ପାଇଁ ଏବେ ଆଶ୍ୱସ୍ତିର ଖବର। କମ୍ପାନୀ ଏବେ ଆକ୍ସିସ୍ ବ୍ୟାଙ୍କ ସହ ମିଶି ୟୁପିଆଇ ସେବା ପ୍ରଦାନ କରିବ। ଏଥିରେ ଆଉ ଏକ ପାଦ ଆଗକୁ ଯାଇ ତୃତୀୟ ପକ୍ଷ ଆବେଦନ ପ୍ରଦାନକାରୀ (ଟିପିଏପି) ହେବାକୁ ପେଟିଏମ୍ ଏବଂ ଆକ୍ସିସ୍ ବ୍ୟାଙ୍କ ଚଳିତ ସପ୍ତାହରେ ଏନ୍‌ପିସିଆଇରେ ଆବେଦନ କରିବ। ଯଦି ସେମାନେ ଏହାର ଅନୁମୋଦନ ପାଆନ୍ତି ତେବେ ପେଟିଏମ୍ ଏହାର ୟୁପିଆଇ ସେବା ଜାରି ରଖିବାକୁ ସକ୍ଷମ ହେବ।

ସମ୍ପ୍ରତି ପେଟିଏମ୍ ଏହାର ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ମାଧ୍ୟମରେ ଏହାର ୟୁପିଆଇ ସେବା ଯୋଗାଉଛି, କିନ୍ତୁ ଆରବିଆଇ ଏହି ପେଟିଏମ୍ ବ୍ୟାଙ୍କ ଉପରେ ପ୍ରତିବନ୍ଧକ ଲଗାଇଛି। ମାର୍ଚ୍ଚ ୧୫ ପରେ, ଉପଭୋକ୍ତାମାନେ ଫାସ୍‌ଟ୍ୟାଗ୍ ଭଳି ସେବା ବ୍ୟବହାର କରିବାକୁ ୱାଲେଟ୍‌ରେ ଟଙ୍କା ଯୋଡିପାରିବେ ନାହିଁ କିମ୍ବା ୟୁପିଆଇ କାର୍ଯ୍ୟ କରିବନାହିଁ। ଏହି ପରିପ୍ରେକ୍ଷୀରେ, ପେଟିଏମ୍ ପାଇଁ ଏନ୍‌ପିସିଆଇର ଅନୁମୋଦନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପେଟିଏମର ସହଯୋଗୀ କମ୍ପାନୀ ୱାନ୍ ୯୭କମ୍ୟୁନିକେସନ୍ ମଧ୍ୟ ନିକଟରେ କହିଛି ଯେ ଏହା ବ୍ୟବସାୟୀ ଦେୟ ସମାଧାନ ପାଇଁ ଆକ୍ସିସ୍ ବ୍ୟାଙ୍କ ସହିତ ସହଭାଗିତା ସ୍ଥାପନ କରିଛି। ରିପୋର୍ଟ ଅନୁଯାୟୀ, ଗତ କିଛି ଦିନ ହେବ ୟୁପିଆଇକୁ ନିୟନ୍ତ୍ରଣ କରୁଥିବା ସଂସ୍ଥା ଏନ୍‌ପିସିଆଇ ସହିତ ଉଭୟ ପକ୍ଷ ଆଲୋଚନା କରିଛନ୍ତି। ପେଟିଏମ୍ ଉପଭୋକ୍ତାମାନେ ୟୁପିଆଇ ପେମେଣ୍ଟରେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ, ଏନ୍‌ପିସିଆଇ ଏହି ଆପ୍ଲିକେସନ୍ ଉପରେ ତ୍ୱରିତ ଢଙ୍ଗରେ କାମ ଚଳାଇଛି। ଫୋନ୍ ପେ, ଗୁଗୁଲ୍ ପେ ପରି ୟୁପିଆଇ ଆପ୍ ମଧ୍ୟ ତୃତୀୟ ପକ୍ଷ ଆପ୍ଲିକେସନ୍ ପ୍ରଦାନକାରୀ ସେବା ପାଇଁ ପେମେଣ୍ଟ ସେବା ପ୍ରଦାନକାରୀ (ପିଏସ୍‌ପି) ବ୍ୟାଙ୍କଗୁଡ଼ିକ ସହିତ ସେମାନଙ୍କର ସହଭାଗିତା କରିଛନ୍ତି।




ଗୁଗୁଲ୍ ପେ, ଆମାଜନ ପେ, କ୍ରେଡିଟ୍ ଏବଂ ଫୋନ୍ ପେ ଭଳି ୟୁପିଆଇ ଆପ୍ସର ଆକ୍ସିସ୍ ବ୍ୟାଙ୍କ ଏବଂ ଅନ୍ୟମାନଙ୍କ ସହ ସହଭାଗିତା ରହିଛି। ଦେୟ ବିଫଳତା ଏବଂ କାରବାର ଗତି ସହିତ ଜଡିତ ବିପଦକୁ ଧ୍ୟାନରେ ରଖି ଏହି ଆପଗୁଡିକ ଏକରୁ ଅଧିକ ବ୍ୟାଙ୍କ ସହିତ ସହଭାଗିତା ସ୍ଥାପନ କରିଥାନ୍ତି। ଏନ୍‌ପିସିଆଇର ଅନୁମୋଦନ ପରେ ପେଟିଏମ୍ ମଧ୍ୟ ଏହାର ପ୍ରତିଯୋଗୀମାନଙ୍କ ପରି ଟିପିଏପି ଭାବରେ କାର୍ଯ୍ୟ କରିବ। ଏଠାରେ ସୂଚନାଯୋଗ୍ୟ ଯେ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅର୍ଥାତ୍ ଆରବିଆଇ ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ଜମା ଏବଂ ଅନ୍ୟାନ୍ୟ କାରବାରର ସମୟ ସୀମାକୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛି। ୧୬ ଫେବୃଆରୀରେ ଆରବିଆଇ ଏ ସମ୍ପର୍କରେ ଏକ ସର୍କୁଲାର ଜାରି କରିଛି।

# ପାକିସ୍ତାନ ଅର୍ଥନୀତିଠୁ ବଡ଼ ଟାଟା ଗ୍ରୁପ

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ପାକିସ୍ତାନର ଅର୍ଥନୀତିକୁ ଟପିଛି ଟାଟା ଗ୍ରୁପ। ଟାଟା ଗ୍ରୁପର ବଜାର ପୁଞ୍ଜି ବର୍ତ୍ତମାନ ପାକିସ୍ତାନର ସମଗ୍ର ଅର୍ଥନୀତିଠାରୁ ଅଧିକ। ଏହାର ଅର୍ଥ ହେଉଛି ପାକିସ୍ତାନର ଅର୍ଥନୀତିକୁ ପଛରେ ପକାଇବା ପାଇଁ ସକ୍ଷମ ହୋଇଛି ଟାଟା ଗ୍ରୁପ। ଟାଟା ଗ୍ରୁପର ବଜାର ପୁଞ୍ଜି ୩୬୫ ବିଲିୟନ ଡଲାର ରହିଥିବାବେଳେ ପାକିସ୍ତାନର ଜିଡିପିର ଆକାର ପ୍ରାୟ ୩୪୧ ବିଲିୟନ ଡଲାର ରହିଥିବା ଆକଳନ କରାଯାଇଛି। ସେହିପରି ଭାରତର ଦ୍ୱିତୀୟ ବୃହତ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍(ଟିସିଏସ୍)ର ବଜାର ପୁଞ୍ଜି ୧୭୦ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ପାକିସ୍ତାନ ଅର୍ଥନୀତିର ପ୍ରାୟ ଅଧା ହେବ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷକ ମଧ୍ୟରେ ଟାଟା ମୋଟର୍ସ ଏବଂ ଟ୍ରେଣ୍ଟ ଓ ଟାଇଟାନ, ଟିସିଏସ୍ ଏବଂ ଟାଟା ପାୱାରରୁ ମିଳିଥିବା ରିଟର୍ଣ୍ଣ ଯୋଗୁଁ ଟାଟା ଗ୍ରୁପ୍ ଆଜି ଏହି ସଫଳତା ହାସଲ କରିପାରିଛି।

# ଅଷ୍ଟ୍ରେଲିଆରେ କୋଇଲା ଖଣି କିଣିବ ଜେଏସ୍‌ଡବ୍ଲ୍ୟୁ

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ଅଷ୍ଟ୍ରେଲିଆରେ କୋଇଲା ଖଣି କିଣିବାକୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପ୍ରସ୍ତୁତି ଚଳାଇଛି। ରିପୋର୍ଟ ଅନୁଯାୟୀ, ଜେଏସଡବ୍ଲ୍ୟୁ ଷ୍ଟିଲ୍, ଅଷ୍ଟ୍ରେଲିଆ କମ୍ପାନୀ ହ୍ୱାଇଟହେଭେନ କୋଲ୍‌ର କୋଇଲା ଖଣିରୁ ୨୦ ପ୍ରତିଶତ ଅଂଶଧନ କିଣିବା ପାଇଁ ଆଲୋଚନା ଜାରି ରଖିଛି। ଏହି କାରବାରର ମୂଲ୍ୟ ପ୍ରାୟ ୧ ବିଲିୟନ ଡଲାର ରହିଛି। ତେବେ ଆଲୋଚନା ସଫଳ ହେଲେ ଏ ନେଇ କାରବାର ମାର୍ଚ୍ଚ ମାସରେ ଶେଷ ହେବ। ପ୍ରକୃତରେ ହ୍ୱାଇଟହେଭେନ ସେଣ୍ଟ୍ରାଲ, କ୍ୱିନ୍ସଲ୍ୟାଣ୍ଡରେ ବ୍ଲାକ୍ ୱାଟର ଖଣିରେ ଏହାର ଅଂଶଧନ ବିକ୍ରି କରିବାକୁ ଚାହଁଛି। ସୂତ୍ର ଅନୁଯାୟୀ, ସଜ୍ଜନ ଜିନ୍ଦଲଙ୍କ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ସହ ଏହି କାରବାର ୮୦୦ ନିୟୁତ ଡଲାରରୁ ୧ ବିଲିୟନ ଡଲାର ମୂଲ୍ୟରେ ହୋଇପାରେ। ଏହି କାରବାରର ନେତୃତ୍ୱ ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ଭାରତୀୟ ୟୁନିଟ୍ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଦ୍ୱାରା କରାଯିବ।

# ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ନିୟମକୁ 'କ୍ରେଡାଇ'ର ସ୍ୱାଗତ

**ଭୁବନେଶ୍ୱର,୧୯।୨(ସମିସ):** ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ନିୟମ-୨୦୨୪ ପ୍ରଣୟନ କରିବା ପରେ ରିଅଲ ଇଷ୍ଟେଟ୍ ଶିଳ୍ପ ସଂଘ (କ୍ରେଡାଇ) ଓଡ଼ିଶା ଏହାକୁ ସ୍ୱାଗତ କରିଛି। ଏହି ନିୟମ ପ୍ରଭାବରେ ରାଜ୍ୟରେ ରିଅଲ ଇଷ୍ଟେଟ୍ ଶିଳ୍ପରେ ପୁଞ୍ଜିନିବେଶ ବୃଦ୍ଧି ହେବା ସହ ଆପାର୍ଟମେଣ୍ଟ କିଣା ବିକାରେ ସ୍ୱଚ୍ଛତା ବୃଦ୍ଧି ପାଇବ ବୋଲି କ୍ରେଡାଇ କହିଛି। ଏଥିରେ ଗ୍ରାହକଙ୍କ ସ୍ୱାର୍ଥକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିବା ବେଳେ ଏଥିରେ ଆପାର୍ଟମେମଣ୍ଟ ମାଲିକାନା ଅଧିକାର ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯାଇଛି। କ୍ରେଡାଇ ଓଡ଼ିଶା ରାଜ୍ୟ ସରକାରଙ୍କ ଏହି ନିୟମ ପାଳନ କ୍ଷେତ୍ରରେ ସମସ୍ତ ସହଯୋଗ କରିବା ସହ ରେରା ଆଇନ୍ ପାଳନ ସୁନିଶ୍ଚିତ କରିବ। ଅନ୍ୟପଟେ ବର୍ତ୍ତମାନ ଆପାର୍ଟମେଣ୍ଟ କମନ୍ ଏରିଆ ଆପାର୍ଟମେଣ୍ଟ ମାଲିକ ସଂଘ ନାମରେ ପଞ୍ଜୀକରଣ ହେବା ନେଇ ସରକାର ନୂଆ ନିୟମରେ ଦର୍ଶାଇଥିବାବେଳେ ଏହାର ପଞ୍ଜିକରଣ ଫି' ମୁକ୍ତ କରିବା ପାଇଁ କ୍ରେଡାଇ ପକ୍ଷରୁ ଦାବି କରାଯାଇଛି। ସେହିପରି ଆପାର୍ଟମେଣ୍ଟ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରିବା ପାଇଁ ମଧ୍ୟ ସଂଘ



ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଉଭୟ ଗ୍ରାହକ ଓ ଡେଭଲପରଙ୍କ ସମୟ ଅପଚୟ ରୋକିବ ଓ କମ୍ ଅର୍ଥ ଖର୍ଚ୍ଚ ହେବ ବୋଲି କ୍ରେଡାଇ ପକ୍ଷରୁ କୁହାଯାଇଛି।

ସୂଚନା ଥାଉ କି ନଗର ଉନ୍ନୟନ ବିଭାଗ ପକ୍ଷରୁ ନିକଟରେ ଏହି ନୂତନ ଆଇନ ସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଥିବାବେଳେ ରେରା ଆଇନକୁ ଶକ୍ତିଶାଳୀ କରାଯାଇଛି। ପୂର୍ବରୁ ବିଲ୍ଡରମାନେ କମନ୍ ଏରିଆକୁ ନିଜ ମାଲିକାନାରେ ରଖୁଥିବାରୁ ଗ୍ରାହକ ଏବଂ ବିଲ୍ଡରଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଏହି ମାମଲା ହାଇକୋର୍ଟରେ ପହଞ୍ଚିବା ପରେ ଆପାର୍ଟମେଣ୍ଟ ପଞ୍ଜିକରଣ ଉପରେ ରହିତାଦେଶ ଜାରି ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଗତବର୍ଷ ଏ ନେଇ ଅଧ୍ୟାଦେଶ ଆଣିଥିଲେ। ଗତବର୍ଷ ଅକ୍ଟୋବର ୧୩ ତାରିଖରେ ସରକାର ଚିଠା ନିୟମ ପ୍ରକାଶ କରିବା ସହିତ ବିଭିନ୍ନ ବର୍ଗରୁ ମତାମତ ଓ ପ୍ରସ୍ତାବ ଆହ୍ୱାନ କରିଥିଲେ। ଏବେ ନଗର ଉନ୍ନୟନ ବିଭାଗ ଚୂଡ଼ାନ୍ତ ନିୟମ ଲାଗୁ କରିଥିବାରୁ ଉଭୟ ଗ୍ରାହକ ଓ ରିୟଲ ଇଷ୍ଟେଟ୍ ଶିଳ୍ପ ଲାଭବାନ୍ ହେବେ ବୋଲି ଆଶା କରାଯାଉଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କ୍ରେଡାଇ ଓଡ଼ିଶା ସଭାପତି ସ୍ୱଦେଶ କୁମାର ରାଉତରାୟ, ସମ୍ପାଦକ ଅନୀଲ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା ଏବଂ ସୋଫିଆ ଫିର୍‌ଦୋସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌କୁ ୧୯ତମ ମାନ୍ୟତା

**ଭୁବନେଶ୍ୱର,୧୯।୨(ସମିସ):** ଜୁଏଲାରୀ ରିଟେଲର ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଡିଲଏଟ୍‌ର ଗ୍ଲୋବାଲ ପାୱର ଅଫ ଲକ୍‌ଜ୍ୟୁରୀ ଗୁଡ୍‌ସ୍ ୨୦୨୩ ର୍‍ୟାଙ୍କିଙ୍ଗ୍‌ରେ ୧୯ତମ ସ୍ଥାନ ହାସଲ କରିଛି। ଏହି ବ୍ରାଣ୍ଡ ମଧ୍ୟ ଭାରତରେ ଶୀର୍ଷ ସ୍ଥାନ ଅଧିକାର କରିଛି, ଏଥିସହିତ ଦେଶର ଲକ୍‌ଜରୀ ବଜାରରେ ଏହାର ଆଧିପତ୍ୟକୁ ପୁନଃ ଦୃଢୀଭୂତ କରିଛି। ଡିଲଏଟ୍ ଗ୍ଲୋବାଲ ପାୱର୍ସ ଅଫ ଲକ୍‌ଜ୍ୟୁରୀ ଗୁଡ୍‌ସ୍ ର୍‍ୟାଙ୍କିଙ୍ଗ ତାଲିକା ଜୁଏଲାରୀ, ପୋଷାକ, ଘଣ୍ଟା ଏବଂ ସୌନ୍ଦର୍ଯ୍ୟ ଉତ୍ପାଦଗୁଡିକର ବିଶ୍ୱସ୍ତରରେ ବିକ୍ରି ଏବଂ ବ୍ରାଣ୍ଡ ମୂଲ୍ୟବୋଧ ସମ୍ପର୍କରେ ଆକଳନ କରି ସଂକଳନ କରାଯାଉଛି।

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବିଶ୍ୱସ୍ତରରେ ବିକ୍ରି ଏବଂ ବ୍ରାଣ୍ଡ ମୂଲ୍ୟରେ ଅନନ୍ୟ ପ୍ରଦର୍ଶନ ଏହାକୁ ଏହି ସ୍ୱତନ୍ତ୍ର ତାଲିକାରେ ସ୍ଥାନ ଦେବା ସହିତ ବ୍ରାଣ୍ଡ ପାଇଁ ଏକ ଉଲ୍ଲେଖନୀୟ ସଫଳତା ହୋଇଛି। ଡିଲଏଟ୍‌ର ରିପୋର୍ଟ ଭାରତର



ଡିଲଏଟ୍ ବିଶ୍ୱ ଲକ୍‌ଜ୍ୟୁରୀ ର୍‍ୟାଙ୍କିଙ୍ଗ୍

ଜୁଏଲାରୀ ରିଟେଲିଂ କ୍ଷେତ୍ରରେ ହେଉଥିବା ଗତିଶୀଳ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରୁଛି ଯାହା ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ବଜାର ହୋଇଛି ଏବଂ ଏଠାରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ଅଗ୍ରଣୀ କମ୍ପାନୀ ଭାବରେ ଉଭା ହୋଇଛି। ତିରିଶ ବର୍ଷର ଉତ୍କର୍ଷକୁ ନେଇ ଏହି ବ୍ରାଣ୍ଡ ଉଭୟ ସମକାଳୀନ ଏବଂ ପାରମ୍ପରିକ ଜୁଏଲାରୀ ଷ୍ଟାଇଲ୍‌ଗୁଡିକର ଏକ ବ୍ୟାପକ ସମ୍ଭାରରେ ଭରପୂର ହୋଇଛି। ନିର୍ଭରଯୋଗ୍ୟତା ଏବଂ ଶୁଦ୍ଧତା ପ୍ରତି ଏହାର ପ୍ରତିବଦ୍ଧତା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପାଇଁ ଏକ ଗ୍ରାହକଙ୍କ ପସନ୍ଦର ସମ୍ମାନଜନକ ସ୍ଥାନ ଆଣିଦେଇଛି। ଏମ୍. ପି ଅହମ୍ମଦ, ଚେୟାରମ୍ୟାନ, ମାଲାବାର ଗ୍ରୁପ୍ ନିଜର କୃତଜ୍ଞତା ପ୍ରକାଶ କରି କହିଛନ୍ତି, ଡିଲଏଟ୍ ଦ୍ୱାରା ବିଶ୍ୱ ମଞ୍ଚରେ ଆମେ ସମ୍ମାନିତ ହେବା ଆମ ପାଇଁ ଗୌରବ ଓ ସମ୍ମାନର ବିଷୟ। ଏହି ସଫଳତା ଗୁଣମାନ, ସ୍ୱଚ୍ଛତା ଏବଂ ଗ୍ରାହକ ସନ୍ତୁଷ୍ଟି ଦିଗରେ ଆମର ଦୃଢ ପ୍ରତିବଦ୍ଧତାର ଏକ ନିଦର୍ଶନ ହୋଇଛି। ଆମେ ଆମର ପରିସୀମାକୁ ପରିବ୍ୟାପ୍ତ କରି ଏବଂ ଏହି ଶିଳ୍ପରେ ନୂଆ ମାନଦଣ୍ଡ ସ୍ଥାପନ କରିବା ଦିଗରେ ଏକନିଷ୍ଠ ରହିଛୁ।

# ଜେଇଇ ମେନ୍ ୨୦୨୪ ସେସନ୍-୧ରେ ଫିଟ୍‌ଜୀ ଭୁବନେଶ୍ୱର ଓ କଟକ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର,୧୯।୨(ସମିସ): ଜେଇଇ ମେନ୍ ସେସନ୍-୧ର ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଦେଶର ଅଗ୍ରଣୀ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ଏହାର ଛାତ୍ରଛାତ୍ରୀମାନଙ୍କ ଉଲ୍ଲେଖନୀୟ ସଫଳତାକୁ ପାଳନ କରୁଛି। ଫିଟ୍‌ଜୀ ପ୍ରତିବର୍ଷ ନୂଆ ନୂଆ ମାଇଲଖୁଣ୍ଟ ହାସଲ କରୁଛି। ଫିଟ୍‌ଜୀ ଭୁବନେଶ୍ୱର କେନ୍ଦ୍ରର ୪ ବର୍ଷୀୟ କ୍ଲାସରୁମ୍ ଓ ପିନାକଲ୍ ଇଣ୍ଟିଗ୍ରେଟେଡ୍ ଦୁଇ ବର୍ଷିଆ କାର୍ଯ୍ୟକ୍ରମର ଛାତ୍ର ସତ୍ୟେନ୍ଦୁ କର ୯୯.୯୮୩୯ ଏନ୍‌ଟିଏ ସ୍କୋର ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଫିଟ୍‌ଜୀ କଟକ କେନ୍ଦ୍ରର ଚାରି ବର୍ଷିଆ କ୍ଲାସରୁମ୍ ପ୍ରୋଗ୍ରାମର ଛାତ୍ର ଲକ୍ଷ୍ମୀକାନ୍ତ ନାୟକ ୯୯.୮୩୫୧ ଏନ୍‌ଟିଏ ସ୍କୋର ସହ କଟକ ସହର ଟପ୍ପର ହୋଇଛନ୍ତି। ଫିଟ୍‌ଜୀର ୮ ଜଣ ଛାତ୍ରଛାତ୍ରୀ ୧୦୦ ପର୍ସେଣ୍ଟାଇଲ୍ ହାସଲ କରିଛନ୍ତି। ଫିଟ୍‌ଜୀର ଲଙ୍ଗ ଟର୍ମ କ୍ଲାସରୁମ୍ ପ୍ରୋଗ୍ରାମର ୭ ଜଣ ଛାତ୍ରଛାତ୍ରୀ ସେମାନଙ୍କ ରାଜ୍ୟରେ ଟପ୍ପର ହୋଇଛନ୍ତି। ଫିଟ୍‌ଜୀର ଲଙ୍ଗ ଟର୍ମ କ୍ଲାସରୁମ୍ ପ୍ରୋଗ୍ରାମର ୧୩ ଜଣ ଛାତ୍ରଛାତ୍ରୀ ସେମାନଙ୍କ ସହରରେ ଟପ୍ପର ହୋଇଛନ୍ତି। ଫିଟ୍‌ଜୀ ର ୧୫୨୬ ଛାତ୍ରଛାତ୍ରୀ ୯୯ କିମ୍ବା ତା'ଠାରୁ ଭଲ ପର୍ସେଣ୍ଟାଇଲ୍ ରଖିଛନ୍ତି। ରାଜ୍ୟ ଟପ୍ପର ସତ୍ୟେନ୍ଦୁ କର କହିଛନ୍ତି ଯେ ଆଇଆଇଟି ମୋ ପିଲାଦିନର ସ୍ୱପ୍ନ ଥିଲା। ମୋ ପ୍ରଥମ ପଦକ୍ଷେପକୁ ସଫଳ କରିବାରେ ଫିଟ୍‌ଜୀ ମୋତେ ସାହାଯ୍ୟ କରିଥିଲା। ଫିଟ୍‌ଜୀ ଜେଇ ଭୁବନେଶ୍ୱର କେନ୍ଦ୍ରର କେନ୍ଦ୍ର ମୁଖ୍ୟ ରଞ୍ଜୟ ବର୍ଦ୍ଧନ କହିଛନ୍ତି ଯେ, ପ୍ରାରମ୍ଭିକ ସିଦ୍ଧାନ୍ତରୁ ମୌଳିକ ଉପାୟରେ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ଏବଂ ଧାରଣାଗୁଡ଼ିକୁ ଗଭୀର ଭାବରେ ବୁଝିବା ଏବଂ ବିଶ୍ଳେଷଣାତ୍ମକ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦେବା ଆମ ଛାତ୍ରଛାତ୍ରୀଙ୍କ ପାଇଁ ପୁଣି ଫଳପ୍ରଦ ହୋଇଛି।



# ବ୍ରିଟିଶ ରୋଜ୍ ରେଞ୍ଜ ପାଳିଲା ଡିଜିଟାଲ ଫିଲ୍ମ ଉତ୍ସବ

**ଭୁବନେଶ୍ୱର, ୧୯।୨(ସମିସ):** ଦି ବଡ଼ି ସପ୍ର ବ୍ରିଟିଶ ରୋଜବଡ଼ି ଯତ୍ନର ସମ୍ଭାର ଭାରତୀୟ ଗ୍ରାହକଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି। ଏହାର ବିଭିନ୍ନ ପ୍ରକାରର ସ୍ୱଭାବ - ପୁଷ୍ପସଜ୍ଜିତ ସୁବାସ,ପରିତୃଷ୍ଟକାରୀ ଗଠନ, ଶତ ପ୍ରତିଶତ ସନ୍ତୁଷ୍ଟକାରୀ ପରିପ୍ରକାଶ ଏକ ସ୍ୱ-ଯତ୍ନକାରୀ ଅଭିଜ୍ଞତା ପ୍ରଦାନ କରିବା ସହିତ ଆପଣଙ୍କ ତ୍ୱଚାକୁ କୋମଳତଥା ଫୁଲ ପାଖୁଡ଼ାର ସୁବାସର ଆବୃତ କରିପାରିବ। ଏଭଳି ଏକ ପରିସ୍ଫୁଟସହଭାଗିତାରେ ଡ଼ାଏନା ଫେଟିଙ୍କ ବିଚକ୍ଷଣ ବ୍ୟକ୍ତିତ୍ୱ ଆହୁରି ଅଧିକମୁଖରିତ ହେବ ଏକ ନୂତନ ଯୋଗାଯୋଗ ଅଭିଯାନ ଜରିଆରେ ସଦ୍ୟ ଶକ୍ତିକୁଆହୁରି ଅନୁପ୍ରାଣିତ କରିବ।ଦି ବ୍ରିଟିଶ ରୋଜ ଅଭିଜାନର ଏହି ଉନ୍ମୋଚନ ଅବସରେର ନିଜର ମତବ୍ୟକ୍ତକରି ମିସ୍ ହରମିତ ସିଂହ, ଉପାଧକ୍ଷ, ଦି ବଡ଼ି ସପ୍ ଇଣ୍ଡିଆ ଉତ୍ପାଦ,ମାର୍କେଟିଂ ଏବଂ ଡ଼ିଜିଟାଲ କହିଛନ୍ତି, ଏହି ଦି ବଡ଼ି ସପ୍‌ରେ ଆମ ପ୍ରକୃତି ଆଧାରିତ ପ୍ରେରଣାକୁ ଅଧିକ ଧ୍ୟାନ ଦେବା ସହିତ ଏହାରଆଇକନିକ୍ ଉତ୍ପାଦ ଯାହାକି ପ୍ରତିଦିନର ସ୍ୱଙ୍ଗ ସ୍ନେହର ବ୍ୟବସ୍ଥାକୁ ଆଗକୁ ନେଇଥାଏ ଯାହାକି ଜଣଙ୍କୁ ଏହାର ଉତ୍କୃଷ୍ଟ ସଂସ୍କରଣେର ସାମିଲ ହେବା ପାଇଁ ସାହାଯ୍ୟ କରିଥାଏ।



# ସ୍ଥାୟୀ ଜମା ଉପରେ ଆଇଡିବିଆଇ ବ୍ୟାଙ୍କର ସ୍ୱତନ୍ତ୍ର ସୁଧ ହାର

IDBI BANK

**ଭୁବନେଶ୍ୱର,୧୯।୨(ସମିସ):** ଆଇଡ଼ିବିଆଇ ବ୍ୟାଙ୍କ ପକ୍ଷରୁ ଏହାର ଅତ୍ୟାଧୁନିକ "୩୦୦ ଦିନର ସ୍ପେସିଆଲ ଲିମିଟେଡ଼ ପିରିୟଡ଼ କଲେବୁଲ ଏଫଡ଼ି ଅଫର" ସହିତ ସର୍ବାଧିକ ବାର୍ଷିକ ୭.୫୫ ପ୍ରତିଶତ ସୁଧ ହାର ପ୍ରଦାନ କରୁଛି। ଉକ୍ତ ପଦକ୍ଷେପ ଉତ୍ସବ ଏଫଡ଼ି ସ୍କିମ୍ ଅଧିନରେ ଶୁଭାରମ୍ଭ କରାଯାଇଛି ଏବଂ ଖୁବ୍ କମ୍ ଅବଧି ମଧ୍ୟରେ ଗ୍ରାହକଙ୍କୁ ଅଧିକ ସୁଧ ପ୍ରଦାନ କରୁଛି। ଏହା ବ୍ୟତୀତ, ଆଗରୁ ଉପଲବ୍ଧ ଉତ୍ସବ ଏଫଡ଼ି ୩୭୫ ଏବଂ ୪୪୪ ଦିନ ପାଇଁ ପ୍ରତିଯୋଗୀତାମୂଳକ ସୁଧ ହାର ଯଥାକ୍ରମେ ବାର୍ଷିକ ୭.୬୦% ଏବଂ ୭.୭୫% ବଳବତର ରଖିଛି।

# ଅରୁନ୍ଧତୀ ଜ୍ୱେଲର୍ସର ଫେଷ୍ଟିଭ୍ ଧମାଲ ଲକ୍ଷପତି ଲକି ଡ୍ର ବିଜେତା ଘୋଷିତ

**ଭବାନୀପାଟଣା, ୧୯।୨ (ସମିସ):** ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ବିଗତ ୨୪ ବର୍ଷ ଧରି ପାଳନ ହୋଇ ଆସୁଥିବା ଫେଷ୍ଟିଭ୍ ଧମାଲ୍ ମହୋତ୍ସବରେ ବିଗତ ବର୍ଷର ସମସ୍ତ ଲକ୍ଷପତି ବିଜେତା ଘୋଷିତ ହୋଇଛନ୍ତି। ଏହି ଲକ୍ଷପତି ବିଜେତାରେ ମାରୁତି ଡିଜାୟାର ଭି.ଏକ୍ସ.ଆଇ, ହିରୋ ଗ୍ଲାମର ମୋଟର ସାଇକେଲ, ହିରୋ ଜୁମ୍ ସ୍କୁଟି ଜିତିବା ସହିତ ଓ ୩ ଜଣ ଲକ୍ଷପତି ହୋଇଥିଲେ। ପ୍ରଥମ ଲକ୍ଷପତି ବିଘ୍ନରାଜ ବିଶ୍ୱାଳ, ଦ୍ୱିତୀୟ ଲକ୍ଷପତି ମନୋଜ କୁମାର ନାଏକ ତୃତୀୟ ଲକ୍ଷପତି କମଳିନୀ ପାଣି, ଗ୍ଲାମର ବିଜେତା ମୋହିତ କୁମାର ଗୁପ୍ତା, କାର ବିଜେତା କଣ୍ଟାବାଞ୍ଜିର ପ୍ରିୟଙ୍କା ମେହେର ପ୍ରମୁଖ ପୁରସ୍କୃତ ହୋଇଥିଲେ। ଏଥିରେ ଓଲିଉଡ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅରୁନ୍ଧତୀ ଜ୍ୱଲେସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ଗ୍ରୁପର ମୁଖ୍ୟ ନିହାର ରଞ୍ଜନ ନନ୍ଦ,ଜୋନାଲ ପରିଚାଳକ




ନିରଞ୍ଜନ ବେହେରା,ଭବାନୀପାଟଣା ଷ୍ଟୋର ପରିଚାଳକ ଅନାଦି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭବାନୀପାଟଣା ଲାଲ ବାହାଦୂର୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ, ଏହି ଅଫରରେ ପାଖାପାଖି ଲକ୍ଷାଧିକ ଗ୍ରାହକ ଯୋଡି ହୋଇଥିଲେ। ଏତେ ସଂଖ୍ୟକ ଗ୍ରାହକ ବନ୍ଧୁଙ୍କ ଆମ ଉପରେ ଥିବା ପ୍ରଗାଢ ବିଶ୍ୱାସ ଓ ଭଲପାଇବା ଆମକୁ ଆଗାମୀ ଦିନରେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବା ସହ ଆମେ ଗ୍ରାହକବନ୍ଧୁଙ୍କ ପାଇଁ ସେହି ଶୁଦ୍ଧତା ଓ କାରୁକାର୍ଯ୍ୟ ଭରା ସୁନାଗହଣା, ସ୍ୱଚ୍ଛତା ଓ ପାରଦର୍ଶିତା ଭରା ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପ, ନମ୍ରତା ଓ ଆତ୍ମୀୟତା ଭରା ଗ୍ରାହକ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ।

'ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ'

# ଦୌଡ଼ିବ ରାଜ୍ୟର ଜିଡିପି ଅଭିବୃଦ୍ଧି

ଭୁବନେଶ୍ୱର,୧୯।୨(ସିମସ)

ସାମାଜିକ, ଅର୍ଥନୀତି ଏବଂ ନିବେଶ ଆଦି କ୍ଷେତ୍ରରେ ଓଡିଶା ଆଜି ଦେଶର ଏକ ପ୍ରମୁଖ ରାଜ୍ୟ ଭାବେ ପରିଚିତ ହୋଇପାରିଛି। ଏହି ସମ୍ମିଳନୀରେ ଓଡ଼ିଶାରେ ଅଭିବୃଦ୍ଧିକୁ ଆହୁରି ଆଗକୁ ନେବା ସହ ଭବିଷ୍ୟତ ଲାଗି ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱଠାରେ ଆରମ୍ଭ ହୋଇଛି ଦୁଇଦିନିଆ 'ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ'। ଏହି ସମ୍ମିଳନୀ ଦୁଇ ଦିନ ଧରି ଚାଲିବ। ଏଥିରେ ଓଡ଼ିଶାରେ ଅଭିବୃଦ୍ଧିକୁ ଆହୁରି ଆଗକୁ ନେବା ସହ ଭବିଷ୍ୟତ ଲାଗି ରାଜ୍ୟରେ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସମ୍ଭାବନା ଉପରେ ବିଭିନ୍ନ ଅଧିବେଶନରେ ଅଂଶ ଗ୍ରହଣ କରି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଫେବୃଆରୀ ୧୯ରୁ ଆରମ୍ଭ ହୋଇଥିବା ଏହି ବିଶେଷ କାର୍ଯ୍ୟକ୍ରମ ୨୦ ତାରିଖ ଯାଏ ଚାଲିବ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୦ରୁ ଅଧିକ ପ୍ରେରଣାଦାୟୀ ଆଲୋଚନାଚକ୍ର ଆୟୋଜନ କରାଯିବ।




'ଷ୍ଟ୍ରାଟେଜି ଆଣ୍ଡ ଆକ୍ସନ ପ୍ଲାନ୍ ଫର୍ ଡିଜିଟାଲ ସ୍କିଲିଂ' ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚିତ

ଏଥିରେ ବିଭିନ୍ନ ଶିଳ୍ପ କ୍ଷେତ୍ରର ୫୦୦ରୁ ଅଧିକ ପ୍ରମୁଖ ବ୍ୟକ୍ତିତ୍ୱ, ୧୦୦ରୁ ଅଧିକ ବିଶିଷ୍ଟ ବକ୍ତା, ନୀତି ନିର୍ଦ୍ଧାରକ ଏବଂ ଦକ୍ଷତା ବିକାଶ କ୍ଷେତ୍ର ସହ ଜଡ଼ିତ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇଛନ୍ତି। ଉଦଘାଟନୀ ଅଧିବେଶନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜିଙ୍କ ସହ ଶିଳ୍ପ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇଛନ୍ତି। ପ୍ରଥମ ଅଧିବେଶନ ଅବସରରେ 'ଷ୍ଟ୍ରାଟେଜି ଆଣ୍ଡ ଆକ୍ସନ ପ୍ଲାନ୍ ଫର୍ ଡିଜିଟାଲ ସ୍କିଲିଂ' ବିଷୟରେ ଏକ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

